## ସଂକ୍ଷେପରେ

### ତମାଖୁ ମୁକ୍ତ ଯୁବା ଅଭିଯାନ

ଛତିଆ,୫।୭(ସୌମ୍ୟ ରଞ୍ଜନ ସାହୁ): ତମାଖୁ ବ୍ୟବହାର ଦ୍ୱାରା ଯୁବପିଢ଼ି ବିପଥଗାମୀ ହେବା ସହ ସମାଜରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ସାମାଜିକ, ଅର୍ଥନୈତିକ ଓ ଅନ୍ୟାନ୍ୟ ଅଗ୍ରଗତି ପ୍ରଭାବିତ ହେଉଛି। ଏଣୁ ତମାଖୁ ସେବନରୁ ଦୂରେଇବା ପାଇଁ ତମାଖୁ ମୁକ୍ତ ଯୁବା ଅଭିଯାନ କାର୍ଯ୍ୟକ୍ରମ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ବଡ଼ଚଣା ବ୍ଲକ ଅଧୀନ ଛତିଆ ବଜାରରେ ଥିବା ବିଭିନ୍ନ ଦୋକାନରେ ଜିଲା ସ୍ୱାସ୍ଥ୍ୟ ବିଭାଗ ଓ ଅବକାରୀ ବିଭାଗ ଏବଂ ବୈରୀ ଥାନା ପୋଲିସ ପକ୍ଷରୁ ମଙ୍ଗଳବାର ଚଢ଼ାଉ କରାଯାଇ ଜରିମାନା ଆଦାୟ କରାଯିବା ସହ ଦୋକାନୀଙ୍କୁ ସଚେତନ କରାଯାଇଛି। କାର୍ଯ୍ୟକ୍ରମରେ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ସସ୍ମିତା ରାଉତ, ଅବକାରୀ ଏସ୍‌ଆଇ ଜୟନ୍ତୀ ଆଚାର୍ଯ୍ୟ ଗୟାଧର ସେଠୀ ଓ ବୈରୀ ଥାନା ଏଏସ୍‌ଆଇ ଅଜୟ ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ।

### ଜଙ୍ଗଲ ଜମିକୁ ଜବରଦଖଲ ମୁକ୍ତ କଲା ବନ ବିଭାଗ

କାଳିଆପାଣି,୫।୭(ଅସିତ ମହାନ୍ତ): ଯାଜପୁର ଜିଲା ସୁକିନ୍ଦା ତହସିଲ ଅଧୀନ ରାଁସୋଲ ପଞ୍ଚାୟତର କଲରଙ୍ଗୀ ଜଙ୍ଗଲରେ ଜବରଦଖଲ ହୋଇଥିବା ଜମିକୁ ମୁକ୍ତ କରାଯାଇଛି। ସୂଚନା ମୁତାବକ, ରାଁସୋଲ ଫରେଷ୍ଟ ଅଫିସ ନିକଟସ୍ଥ କଲରଙ୍ଗୀ ଢାବା ଛକ ଡାହାଣ ପାର୍ଶ୍ୱ ଜଙ୍ଗଲରେ ଜଣେ ବ୍ୟକ୍ତି କିଛିଦିନ ପୂର୍ବରୁ ବେଆଇନ ଭାବେ ବାଲି ଡିପୋ କରିଥିବାବେଳେ ସେ ସ୍ଥାନଟି ନିଜର କହି ଏକ ଜେସିବିରେ ସଫା କରିଥିଲା। ଧୀରେଧୀରେ ଲୋକ ଲଗାଇ ବହୁ ଗଛ କାଟିବା ସହ ଜଙ୍ଗଲ ସଫା କରିଥିଲେ। ଖବର ପାଇ ଫରେଷ୍ଟର ନରେଶ କୁମାର ଟୁଡୁ ସେ ସ୍ଥାନରେ ପହଞ୍ଚି ନାଲିଫିତା ବାନ୍ଧିଛନ୍ତି। ସେ ସ୍ଥାନରେ କେହି ଜଙ୍ଗଲ କାଟିଲେ ତାଙ୍କ ନାମରେ ମାମଲା ରୁଜୁ କରାଯିବ ବୋଲି ଫରେଷ୍ଟର ଟୁଡୁ ପ୍ରକାଶ କରିଛନ୍ତି।

### ଅବସରପ୍ରାପ୍ତ କିରାଣିଙ୍କ ପରଲୋକ

ରସୁଲପୁର,୫।୭(ରଞ୍ଜିତ ରାଉତ): ରସୁଲପୁର ବ୍ଲକ ଅନ୍ତର୍ଗତ ବଡ଼କଇଞ୍ଚ ପଞ୍ଚାୟତ କଇଁଚ ଶାସନ ଗ୍ରାମର ଅବସରପ୍ରାପ୍ତ କିରାଣି ଭାସ୍କର ଚନ୍ଦ୍ର ମିଶ୍ର(୭୭)ଙ୍କ ବୁଧବାର ପରଲୋକ ହୋଇଯାଇଛି। ଏହି ଖବର ପ୍ରଚାରିତ ହେବାପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମିଶ୍ର ମଧୁବନ ସରକାରୀ ଉଚ୍ଚ ବିଦ୍ୟାଳୟରେ କିରାଣି ଭାବରେ କାର୍ଯ୍ୟକରି ଅବସର ଗ୍ରହଣ କରିଥିଲେ। ସେ ଜଣେ ମେଳାପୀ, ମିଷ୍ଟଭାଷୀ, ସଂଗଠନ, ଶିକ୍ଷା ଓ କ୍ରୀଡା ପ୍ରେମୀ ଭାବରେ ପରିଚିତ ଥିଲେ। ମା' ହିଙ୍ଗୁଳା ବରିଷ୍ଠ ମଞ୍ଚର ଜଣେ ସଦସ୍ୟ ଥିଲେ। ସ୍ଥାନୀୟ ଅଞ୍ଚଳରେ ଶିକ୍ଷା ଓ କ୍ରୀଡ଼ାର ପ୍ରଚାର ଓ ପ୍ରସାର ଦିଗରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। କବାଡି ଖେଳ ପ୍ରତି ମିଶ୍ରଙ୍କ ବିଶେଷ ଦୁର୍ବଳତା ରହିଥିଲା। କିଛିଦିନ ହେବ ତାଙ୍କର ଶାରିରୀକ ଅସୁସ୍ଥତା କାରଣରୁ ସେ ଶଯ୍ୟାଶାୟୀ ହୋଇପଡିଥିଲେ। ମରଶରୀରକୁ ସ୍ଥାନୀୟ ଅଞ୍ଚଳରେ ପରିକ୍ରମା କରାଯିବା ପରେ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ମା' ହିଙ୍ଗୁଳା ବରିଷ୍ଠ ନାଗରିକ ମଞ୍ଚର ସଭାପତି କୃଷ୍ଣଚନ୍ଦ୍ର ସାହୁ, କୀର୍ତ୍ତନ ବିହାରୀ ସାହୁ, ବିଦ୍ୟାଧର ଓଝା, ଜିତେନ୍ଦ୍ର କୁମାର କର, ସୁଧାଂଶୁ ଭୂଷଣ ମିଶ୍ର, ପ୍ରଭାକର ସାହୁ, ବୃନ୍ଦାବନ ପାଣି ପ୍ରମୁଖ ମିଶ୍ରଙ୍କ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଶେଷ ଦର୍ଶନ କରିଥିଲେ। ଶତାଧିକ ଭାସ୍କର ପ୍ରେମୀ ଶବାଧାରରେ ସାମିଲ ହୋଇଥିଲେ।

# ସୂଚନା କର୍ମୀଙ୍କ ମୋରମ ଲୁଟ୍ ଚର୍ଚ୍ଚା

- ୩ ଦିନ ହେଲା ପୋଲିସ ହାତ ଖାଲି
- ସାଟେଲାଇଟ ମାପଚୁପ କରିବାକୁ ଦାବି

ଯାଜପୁର,୫।୭(ହର୍ଷବର୍ଦ୍ଧନ ବେହେରା)



ମାଣ୍ଡୁକା ପାହାଡ଼ରେ ଜବତ ଏକ୍ସଭେଟର।

ରାଜ୍ୟରେ ଲଘୁ ଖଣିଜ ଦ୍ରବ୍ୟର ଲୁଟ୍‌କୁ ଦୃଢ଼ ହସ୍ତରେ ଦମନ କରିବା ଏବଂ ରାଜସ୍ୱ କ୍ଷତିକୁ ରୋକିବା ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ହେଲେ ଯାଜପୁର ଜିଲାର ଧର୍ମଶାଳା ତହସିଲ ଅଞ୍ଚଳରେ କଳାପଥର ଏବଂ ଦର୍ପଣ ତହସିଲ ଅଞ୍ଚଳରେ ମୋରମ ଓ ମାଙ୍କଡ଼ାପଥର ଲୁଟ୍ ଅଣାୟତ୍ତ ହୋଇଛି। କେତେଜଣ ଅସାଧୁ ସରକାରୀ କର୍ମଚାରୀଙ୍କ ପରୋକ୍ଷ ସହାୟତାରେ ବ୍ୟବସାୟୀମାନେ ଅଣଲିଜ୍ ଅଞ୍ଚଳରୁ ବିପୁଳ ପରିମାଣର ଲଘୁ ଖଣିଜ ଦ୍ରବ୍ୟ ଲୁଟ୍ କରି ମାଲାମାଲ ହେଉଛନ୍ତି। ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଦର୍ପଣ ତହସିଲ ମାଣ୍ଡୁକା ପାହାଡ଼ରେ ରବିବାର ମୋରମ ଲୁଟ୍ ଚାଲିଥିବାବେଳେ ବିଭିନ୍ନ ଗାଡ଼ି ଜବତ ସହ ୨ ଜଣଙ୍କୁ ଗିରଫ ଘଟଣାରୁ ଏହା ସ୍ପଷ୍ଟ ହୋଇଛି। ତେବେ ଏହି ଘଟଣାରେ ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରାଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିବା ପରେ ବିଭିନ୍ନ ମହଲରେ ଚର୍ଚ୍ଚାର ବିଷୟ ହୋଇଛି।

ବେଆଇନ ଲଘୁ ଖଣିଜ ଦ୍ରବ୍ୟ କାରବାର ଉପରେ ଏନ୍‌ଜିଟିଠାରୁ ଆରମ୍ଭ କରି ଲୋକାୟୁକ୍ତ ଓ ହାଇକୋର୍ଟ ପର୍ଯ୍ୟନ୍ତ ଏକାଧିକ ମାମଲା ରୁଜୁ କରି ଚର୍ଚ୍ଚାରେ ଥିବା ବେହୁରାଙ୍କ ଏଭଳି କାର୍ଯ୍ୟକୁ ସାଧାରଣରେ ନାପସନ୍ଦ କରାଯାଇଛି। ଏହାବାଦ୍ ଏହି ଖାଦାନରୁ ପ୍ରାୟ ୪୦ କୋଟି ଟଙ୍କାର ମୋରମ ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଏହାର ସାଟେଲାଇଟ ମାପଚୁପ କରି ହିସାବ କଲେ ବାସ୍ତବତା ସାମ୍ନାକୁ ଆସି ପାରନ୍ତା ଏବଂ ଜରିମାନା ଆଦାୟ ସହଜ ହୋଇ ପାରିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ବାଲିଚନ୍ଦ୍ରପୁର ଥାନାରେ ଦର୍ପଣ ତହସିଲଦାର ମାନସ କୁମାର ତ୍ରିପାଠୀଙ୍କ ଲିଖିତ ଅଭିଯୋଗ ଅନୁଯାୟୀ, ରବିବାର ସନ୍ଧ୍ୟା ୬ଟାରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ମାଣ୍ଡୁକା ମୌଜାର ମୋରମ ଖାଦାନ ଉପରେ ଚଢାଉ ହୋଇଥିଲା। ଚଢାଉରେ ମୋରମ ବୋଝେଇ ଏକ ଏକ୍ସଭେଟର ମେଶିନ ସହ ୫ଟି ହାଇୱା ଟ୍ରକ ଜବତ କରାଯାଇଥିଲା। ତେବେ ଏକ୍ସଭେଟରଟି ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରାଙ୍କ ନାମରେ ଥିବା ପରେ ଜଣାପଡ଼ିଥିଲା। ଏନେଇ ବାଲିଚନ୍ଦ୍ରପୁର ଥାନାରେ ଏକ ମାମଲା(ନଂ.୨୩୬/୨୩)ରୁଜୁ ହୋଇ ସୋମବାର ସକାଳେ ସର୍ବେଶ୍ୱରଙ୍କ ଜାରକାସ୍ଥିତ ଘରେ ପୋଲିସ ପକ୍ଷରୁ ଚଢାଉ କରାଯାଇଥିଲା। ହେଲେ ସେ ଫେରାର ଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ମାଣ୍ଡୁକା ମୌଜାର ୩୬୧୧ ପ୍ଲଟରେ ୧୨ ଏକର ଜମିରେ ମୋରମ ଉତ୍ତୋଳନ କରିବାକୁ ଭୁବନେଶ୍ୱର ବାବୁଜୀ ନଗରର ହରପ୍ରସାଦ ଷଡ଼ଙ୍ଗୀଙ୍କୁ ତହସିଲ ପକ୍ଷରୁ ଅନୁମତି ମିଳିଛି। ଅନୁମତି ଅନୁସାରେ ୨୦୨୧ରୁ ୨୦୨୬ ପର୍ଯ୍ୟନ୍ତ ୫ ବର୍ଷ ଦୀର୍ଘମିଆଦି ଲିଜ୍ ଅନୁସାରେ ବର୍ଷକୁ ୧ କୋଟି ଟଙ୍କା ହିସାବରେ ଲିଜ୍ ଦିଆଯାଇଛି। ହେଲେ ଲିଜ୍ ଏରିଆ ବାହାରେ ୩୬୧୦ନଂ.ପ୍ଲଟରୁ ମୋରମ ବେଆଇନ ଭାବେ ଉତ୍ତୋଳନ ହେଉଥିବାବେଳେ ତହସିଲ ପ୍ରଶାସନ ପକ୍ଷରୁ ଚଢାଉ ହୋଇଥିଲା। ଏହି ବେଆଇନ ଏରିଆରୁ ବର୍ଷକୁ ପ୍ରାୟ ୨୦ କୋଟି ଟଙ୍କାର ମୋରମ ଉତ୍ତୋଳନ ହୋଇଥିବା ଅନୁମାନ କରାଯାଇଛି। କିନ୍ତୁ ତହସିଲ ପ୍ରଶାସନ ପୂର୍ବରୁ ଏ ସଂକ୍ରାନ୍ତରେ ଜାଣିଥିଲେ ସୁଦ୍ଧା କୌଣସି ପଦକ୍ଷେପ ନ ନେବାରୁ ସରକାର ବିପୁଳ ପରିମାଣର ରାଜସ୍ୱ ହରାଇଥିବା ମତପ୍ରକାଶ ପାଇଛି।

ଅନ୍ୟପକ୍ଷେ ୨୦୨୨ ନଭେମ୍ବର ୨ରେ ଚଣ୍ଡିଖୋଲ ନୋଟାରୀରେ ଏକ ଚୁକ୍ତିପତ୍ର ସୋସିଆଲ ମିଡ଼ିଆରେ ଘୁରି ବୁଲୁଛି। ଉକ୍ତ ଚୁକ୍ତିପତ୍ରରେ ସର୍ବେଶ୍ୱର ବେହୁରା ତାଙ୍କ ହୁଣ୍ଡାଇ ଏକ୍ସଭେଟର ଲିଜ୍ ସୂତ୍ରରେ ବାଲିଚନ୍ଦ୍ରପୁର ଥାନାର ଅଚ୍ୟୁତବସନ୍ତ ଗ୍ରାମର ମନୋଜ କୁମାର ରାୟଙ୍କୁ ଦେଇଥିବା ଦର୍ଶାଯାଇଛି। ତେବେ ଉକ୍ତ ଏକ୍ସଭେଟର କେଉଁ କାର୍ଯ୍ୟରେ ନିୟୋଜିତ ହେଉଥିଲା ତାହା ସ୍ପଷ୍ଟ ହୋଇ ପାରିନାହିଁ।

ଜଣାଶୁଣା ସୂଚନା କର୍ମୀ ବେହୁରା ତାଙ୍କ ଜମିରେ ବେଆଇନ ଭାବେ ମାଟି ପକାଉଥିବା ନେଇ ଧର୍ମଶାଳା ତହସିଲଦାର ଥାନାରେ ଅଭିଯୋଗ କରିଥିଲେ। ଏନେଇ ଧର୍ମଶାଳା ଥାନା ପକ୍ଷରୁ ବେହୁରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ସେ ଜାମିନ ଆସିବାର ୨ ସପ୍ତାହ ନ ପୁରୁଣୁ ପୁଣି ମୋରମ ଚାଲାଣରେ ଫସିବା ଘଟଣା ସାରା ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି। ଏ ସଂକ୍ରାନ୍ତରେ ଦର୍ପଣ ତହସିଲର ଅତିରିକ୍ତ ତହସିଲଦାର ନିରଞ୍ଜନ ଗୁରୁଙ୍କୁ ପଚାରିବାରେ ସେ କହିଛନ୍ତି, ମାଣ୍ଡୁକା ପାହାଡ଼ରେ ବେଆଇନ ଭାବେ ମୋରମ ଉତ୍ତୋଳନ ଖବର ପାଇ ସେମାନେ ସଦଳବଳେ ଚଢ଼ାଉ କରିଥିଲେ। ହେଲେ ସେତେବେଳେ କିଏ ବେଆଇନ ଉତ୍ତୋଳନ କରୁଥିଲେ ତାହା ଜଣା ପଡି ନ ଥିଲା। ଗାଡି ନମ୍ବର ଅନୁସାରେ ବାଲିଚନ୍ଦ୍ରପୁର ଥାନାରେ ଅଭିଯୋଗ କରାଯାଇଛି।

## ଚଳଚ୍ଚିତ୍ରରେ ହରିଜନ ଶବ୍ଦ ବ୍ୟବହାର ନେଇ ଥାନାରେ ଅଭିଯୋଗ

ଜେନାପୁର,୫।୭(ଅଶୋକ ଦାସ):

ଓଡ଼ିଆ ଚଳଚ୍ଚିତ୍ର ପ୍ରିୟେ ତୁ ମୋ ସିଏକୁ ନେଇ ବିବାଦ ଆରମ୍ଭ ହୋଇଥିବାବେଳେ ଜେନାପୁର ଥାନାରେ ଯାଜପୁର ଜିଲାର ଅନୁସୂଚିତ ଜାତି ମିଳିତ ସଂଗଠନ ପକ୍ଷରୁ ଲିଖିତ ଅଭିଯୋଗ ହୋଇଛି। ସୁକିନ୍ଦା ବିଧାୟକ ତଥା ଦକ୍ଷତା ବିକାଶ ବିଭାଗ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇଙ୍କ ସ୍ତ୍ରୀ ଝିଲ୍ଲିକଙ୍କ ଦ୍ୱାରା ପ୍ରାୟୋଜିତ ଏହି ଚଳଚ୍ଚିତ୍ରର ଏକ ସଂଳାପରେ ହରିଜନ ଶବ୍ଦ ବ୍ୟବହାର କରାଯାଇଛି। ୨୯।୦୬।୨୦୨୩ରେ ମୁକ୍ତିଲାଭ କରିଥିବା ଉକ୍ତ ଚଳଚ୍ଚିତ୍ରର ନାୟିକା ନାୟକଙ୍କୁ ତୁ ଜଣେ ହରିଜନ ପିଲା ଆଉ ମୁଁ ଜଣେ ସାମନ୍ତ ଘର ଝିଅ ବୋଲି କହିଛନ୍ତି। ତେବେ ହରିଜନ ଶବ୍ଦ ବ୍ୟବହାର ନ କରିବା ନିମନ୍ତେ ସର୍ବୋଚ୍ଚ ନ୍ୟାୟାଳଙ୍କ ସ୍ପଷ୍ଟ ନିର୍ଦ୍ଦେଶକୁ ଏଥିରେ ଅବମାନନା କରାଯାଇଛି। ତେଣୁ ଜିଲାର ଅନୁସୂଚିତ ଜାତି ମିଳିତ ସଂଗଠନ ପକ୍ଷରୁ ଥାନାରେ ପ୍ରଯୋଜକ, ନିର୍ଦ୍ଦେଶକ ଓ ଅଭିନେତ୍ରୀଙ୍କ ନାମରେ ଏତଲା ଦିଆଯିବା ସହ ସେମାନଙ୍କୁ ଗିରଫ କରିବାକୁ ଦାବି କରାଯାଇଛି। ନଚେତ ସଂଗଠନ କର୍ମକର୍ତ୍ତା ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ସଂଗଠନ ସଭ୍ୟ କାଳନ୍ଦୀ ମଳିକ, ବେଣୁଧର ମଳିକ, ବିକାଶ କୁମାର ମଳିକ, ଦାଶରଥି ମଳିକ, ଆର୍ତ୍ତତ୍ରାଣ ମଳିକ, ଭାଗବତ ମଳିକ ଓ କାର୍ତ୍ତିକ ଚନ୍ଦ୍ର ମଳିକଙ୍କ ସମେତ ଶତାଧିକ କର୍ମକର୍ତ୍ତା ଥାନାକୁ ଆସି ଅଭିଯୋଗ କରିଛନ୍ତି।

# ମୋ କଲେଜ ଅଧ୍ୟକ୍ଷଙ୍କ ମିଶନ ସବୁଜ ଅଭିଯାନ



ମୋ କଲେଜ ଅଧ୍ୟକ୍ଷ ଚାରା ରୋପଣ କରୁଛନ୍ତି।

କୋରେଇ,୬।୭(ଚନ୍ଦ୍ରକାନ୍ତ ପତି):

### କୋରେଇର ବିଭିନ୍ନ ସ୍ଥାନରେ ଚାରାରୋପଣ ଆହ୍ୱାନ

କୋରେଇର ପୂର୍ବତନ ବିଧାୟକ ତଥା ମୋ କଲେଜ ଅଧ୍ୟକ୍ଷ ଆକାଶ ଦାସନାୟକଙ୍କ ନେତୃତ୍ୱରେ ମିଶନ ସବୁଜ କୋରେଇ ଅଭିଯାନ ଆରମ୍ଭ ହୋଇଛି। ଅଭିଯାନର ପ୍ରଥମ ଦିବସରେ ପାଟରଙ୍ଗା ପଞ୍ଚାୟତର ଉପରଗଡ଼ ସ୍କୁଲ ପ୍ରାଙ୍ଗଣ ଓ ହନୁମାନ ମନ୍ଦିର ପ୍ରାଙ୍ଗଣରେ ପାଖାପାଖି ୫୦୦ ଚାରାରୋପଣ କରାଯିବା ସହ ୪୦୦୦ ଚାରା ବଣ୍ଟନ କରାଯାଇଛି। ପାଟରଙ୍ଗା, ଉପରଗଡ଼, ଅରଣ୍ୟମଦନା, ଅଶୋକଝର, ମଣ୍ଡପଡା, ଗୋହିରାଗଡିଆରେ ପ୍ରତ୍ୟେକ ଘରେ ଗୋଟିଏଗୋଟିଏ ବୃକ୍ଷ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ୫୦୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ, ଯୁବତୀଯୁବକ, ସ୍ୱୟଂସହାୟିକା ଗୋଷ୍ଠୀ ସଦସ୍ୟା ଏବଂ ସ୍ଥାନୀୟ ଜନସାଧାରଣ ଯୋଗ ଦେଇଥିଲେ। କୋରେଇ ନିର୍ବାଚନମଣ୍ଡଳୀରେ ପ୍ରାୟ ୩ଲକ୍ଷ ଜନସାଧାରଣ ବାସକରନ୍ତି। ତେଣୁ ଆଗାମୀ ୫ବର୍ଷ ମଧ୍ୟରେ ପାଖାପାଖି ୩୦ ଲକ୍ଷ ଗଛ ଲଗାଇବା ପାଇଁ ଦାସନାୟକ ଲକ୍ଷ୍ୟ ରଖିଥିବା ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମ ନିର୍ବାଚନମଣ୍ଡଳୀର ସମସ୍ତ ପଞ୍ଚାୟତ ଓ ବ୍ୟାସନଗର ପୌରପରିଷଦରେ ଆଗାମୀ ଦିନରେ ଅନୁଷ୍ଠିତ ହେବ ବୋଲି ସେ ସୂଚନା ଦେଇଛନ୍ତି। ଏହା ଜରିଆରେ ଦାସନାୟକ ସମସ୍ତଙ୍କୁ ବିପୁଳ ପରିମାଣରେ ଗଛ ଲଗାଇବା ଏବଂ ତାହାର ଯତ୍ନନେବା ପାଇଁ ନିବେଦନ କରିଛନ୍ତି। ଏଥିରେ ପାଟରଙ୍ଗା ସରପଞ୍ଚ ରଞ୍ଜନ ଦାସ, ସମିତିସଭ୍ୟ କୁଶ ମୁଣ୍ଡା, ମନ୍ମଥ ନାୟକ, କୁଳମଣି ଦାସ ଓ ଅଶୋକ ବାରିକଙ୍କ ସମେତ ଶତାଧିକ ସମର୍ଥକ ଯୋଗଦେଇ ସହଯୋଗ କରିଥିଲେ।

## ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତିର ସ୍ମାରକପତ୍ର

ଯାଜପୁର ଟାଉନ,୫।୭
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଓଡ଼ିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତି ନିଷ୍ପତ୍ତିକ୍ରମେ ଯାଜପୁର ଜିଲା ଶାଖା ତରଫରୁ ମଙ୍ଗଳବାର ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୭ ଦଫା ଦାବିପତ୍ର ଜିଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି। ପେନ୍‌ସନ ବ୍ୟବସ୍ଥାର ବିଲୁପ୍ତୀକରଣ, ପୂର୍ବ ପେନ୍‌ସନ ବ୍ୟବସ୍ଥାର ପୁନଃ ପ୍ରଚଳନ, ଚୁକ୍ତିଭିତ୍ତିକ ଦିନମଜୁରିଆ ଓ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କୁ ନିୟମିତ କରିବା, ଜାତୀୟ ସମ୍ପତ୍ତି ବିକ୍ରୟ ଓ ଘରୋଇକରଣ ବନ୍ଦ କରିବା, ଟ୍ରେଡ୍ ୟୁନିୟନ୍ କ୍ଷମତାର ସୁରକ୍ଷା ଦେବା, ୮ମ ବେତନ କମିଶନ ଗଠନ ଏବଂ ଅନୁକମ୍ପାମୂଳକ ନିଯୁକ୍ତିରେ ଆରୋପ ହୋଇଥିବା ଭିନ୍ନଭିନ୍ନ କଟକଣାକୁ ପ୍ରତ୍ୟାହାର କରି ସମ୍ପୃକ୍ତ ମୃତ କର୍ମଚାରୀଙ୍କ ଉତ୍ତରାଧିକାରୀଙ୍କୁ ପୂର୍ବଭଳି ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଉପଦେଷ୍ଟା ଭିକାରୀ ଚରଣ ଜେନା, ଜିଲା ସଭାପତି ବିଷ୍ଣୁଚରଣ ନାୟକ, ସମ୍ପାଦକ ଶ୍ରୀବତ୍ସ ବେହୁରା, ବିଜୟ ବାରିକ, ବିଦ୍ୟାଧର ସାହୁ, ପ୍ରଫୁଲ୍ଲ ସାହୁ, ରୁଦ୍ର ମହାନ୍ତି, ଅଭିମନ୍ୟୁ ମଲ୍ଲିକ, ନରେନ୍ଦ୍ର ନାୟକ, ଜଗନ୍ନାଥ ନାୟକ, ମକରା ଦାସ, ବିଦ୍ୟାଧର ନାୟକ, ଶିଶିର ଜେନା, ମନୋଜ ଭୋଇ, ସୁବ୍ରତ ବାଚପେଇ ଓ ଜିଲାର ବିଭିନ୍ନ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ।

## ଭାଜପାରେ ଯୋଗଦେଲେ ବିଜେଡି, କଂଗ୍ରେସ କର୍ମୀ

ସୁକିନ୍ଦା,୫।୭(ସତ୍ୟଜିତ ଦାଶ):

ସାଧାରଣ ନିର୍ବାଚନ ଆଉ କେଇମାସ ବାକିଥିବାବେଳେ ସୁକିନ୍ଦା ନିର୍ବାଚନମଣ୍ଡଳୀରେ ରାଜନୈତିକ ଉଷ୍ମତା ବଢ଼ି ଚାଲିଥିବା ଦେଖିବାକୁ ମିଳିଛି। ଏହିକ୍ରମରେ ବୁଧବାର ନିର୍ବାଚନମଣ୍ଡଳୀର ଟମକାଠାରେ ଭାଜପାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୫ରୁ ଉର୍ଦ୍ଧ୍ୱ ବିଜେଡି ଏବଂ କଂଗ୍ରେସ କର୍ମୀ ଦଳ ଛାଡ଼ି ଭାଜପାରେ ସାମିଲ ହୋଇଛନ୍ତି। ଦୀର୍ଘ ଦିନର ଅବହେଳା, ରୋଜଗାରହୀନତା ଏବଂ ସମ୍ମାନ ନ ମିଳିବା କାରଣରୁ ସେମାନେ ଭାଜପାରେ ମିଶିଥିବା କହିଛନ୍ତି।

ଭାଜପା ନେତା ଡ. ପ୍ରଦୀପ ବଳସାମନ୍ତଙ୍କ ବଳିଷ୍ଠ ନେତୃତ୍ୱ ସାଙ୍ଗକୁ ପାର୍ଟିର ନୀତି, ଶୃଙ୍ଖଳା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସମସ୍ତେ ଭାଜପାରେ ସାମିଲ ହୋଇଥିବା ଦାନଗଦି ବ୍ଲକ ସଭାପତି ପ୍ରତାପ ଧୀର କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଶାନ୍ତ ରାୟ, ବରିଷ୍ଠ ନେତା ଆମଲେନ୍ଦୁ ବେହୁରା, ଦେଉଳକଣ ସରପଞ୍ଚ ବିଜୟ କୁମାର ଜେନା, ଗୋବର୍ଦ୍ଧନପୁର ଜୋନ ସଭାପତି ରବିନ୍ଦ୍ର ମୋହନ ଜେନା ପ୍ରମୁଖଙ୍କ ଉପସ୍ଥିତିରେ ଶିଶିର କୁମାର ବେହେରା, ଆଲୋକ କୁମାର ସାମନ୍ତ, ବିଦ୍ୟାସାଗର ପାତ୍ର, ସମୀର ମହାକୁଡ଼, ବେଣୁଧର କେଶରୀ, ଚକ୍ରଧର ମହାନ୍ତ, ବୁଦ୍ଧିରାମ ହାଁସଦା, ମଙ୍ଗଳ ଚାତାର, ରମେଶ ଜେରେଇ, ମାଧ ବାବୁ, ବୁଦ୍ଧିରାମ ମୁଣ୍ଡା, ପ୍ରକାଶ ମହାନ୍ତ ଓ ବାଲୁ ବିନ୍ଧାଣୀ ପ୍ରମୁଖ ଭାଜପାରେ ସାମିଲ ହୋଇଛନ୍ତି। ଆଗାମୀ ଦିନରେ ଦୁର୍ନୀତି ବିରୋଧରେ ଲଢ଼େଇ କରିବା ସହିତ ନିର୍ବାଚନମଣ୍ଡଳୀରେ ପରିବର୍ତ୍ତନ ଆଣିବା ପାଇଁ ସମସ୍ତେ ଶପଥ ଗ୍ରହଣ କରିଛନ୍ତି।



ଭାଜପାରେ ସାମିଲ ହୋଇଥିବା କର୍ମୀଙ୍କୁ ସ୍ୱାଗତ କରାଯାଉଛି।

# ଟାଟା ଷ୍ଟିଲର ମୋବାଇଲ ମରାମତି ତାଲିମ



ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଯୁବତୀ ଯୁବକ ଓ ଅନ୍ୟମାନେ।

କଳିଙ୍ଗନଗର,୫।୭(ଶୁଭାଶିଷ ରାଉତ) :

ସ୍ଥାନୀୟ ଯୁବପିଢ଼ିଙ୍କୁ ନିଯୁକ୍ତି ଭିତ୍ତିକ ତାଲିମ ପ୍ରଦାନ କରିବା ଲକ୍ଷ୍ୟ ନେଇ ଟାଟା ଷ୍ଟିଲ୍ କଳିଙ୍ଗନଗର (ଟିଏସ୍‌କେ)ର ରିସେଟଲ୍‌ମେଣ୍ଟ ଆଣ୍ଡ୍ ରିହାବିଲିଟେସନ୍(ଆର୍‌ଆଣ୍ଡ୍‌ଆର୍) ବିଭାଗ ପକ୍ଷରୁ ବୁଧବାର ଗୋବରଘାଟି କଲୋନୀ ଫେଜ୍-୧ର କମ୍ୟୁନିଟି ସେଣ୍ଟରରେ ମୋବାଇଲ୍ ଫୋନ୍ ହାର୍ଡଓ୍ୱାର୍ ମରାମତି ଓ ଟେକ୍ନିସିଆନ୍ ଉପରେ ୧୦ ଦିନିଆ ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ସେଣ୍ଟ୍ରାଲ ଟୁଲ୍ ରୁମ୍ ଆଣ୍ଡ୍ ଟ୍ରେନିଂ ସେଣ୍ଟର(ସିଟିଟିସି), ଭୁବନେଶ୍ୱର ସହଯୋଗରେ ବିସ୍ଥାପିତ ପରିବାର ଓ ଆଖପାଖ ଗ୍ରାମର ୫୦ରୁ ଉର୍ଦ୍ଧ୍ୱ ଯୁବତୀଯୁବକ ଉଦ୍‌ଘାଟନୀ ସମାରୋହରେ ଅଂଶଗ୍ରହଣ କରିଥିଲେ। ଏଥିରେ ସିଟିଟିସିର ତାଲିମ ଇନ୍‌ଚାର୍ଜ ଶ୍ରୀକାନ୍ତ କୁମାର ପତିଙ୍କ ସମେତ ଗୋଷ୍ଠୀର ନେତୃବୃନ୍ଦ ଯଥା ବୀରେନ୍ଦ୍ର ଜାମୁଦା, ସୁରେଶ ହାଇବ୍ରୁ, ଲାଲ ମୋହନ ସୋୟ, ଲକ୍ଷ୍ମଣ ଜାମୁଦା, ଜଗମୋହନ ଜାମୁଦା, ସୁରେଶ ଜାମୁଦା, କୃଷ୍ଣ ହାଇବ୍ରୁ ଓ ରବିନ୍ଦ୍ର ଜେନାମଣି ଉପସ୍ଥିତ ଥିଲେ। ଅଂଶଗ୍ରହଣକାରୀମାନଙ୍କୁ ସମ୍ବୋଧିତ କରି ଟିଏସ୍‌କେର ଆର୍‌ଆଣ୍ଡ୍‌ଆର୍ ମୁଖ୍ୟ ସୁବ୍ରତ ମହାପାତ୍ର ଉତ୍ସାହିତ କରିଥିଲେ। ତାଲିମ ଜରିଆରେ ସ୍ଥାନୀୟ ଯୁବବର୍ଗଙ୍କ ଦକ୍ଷତାସ୍ତରରେ ଉନ୍ନତି ଆଣିବାର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଟିମ୍ ଦ୍ୱାରା ଆଗାମୀ ୧୦ ଦିନରେ ହେବାକୁ ଥିବା କାର୍ଯ୍ୟକଳାପଗୁଡ଼ିକ ବିଷୟରେ ସିଟିଟିସିର ତାଲିମ ଇନ୍‌ଚାର୍ଜ ଶ୍ରୀକାନ୍ତ କୁମାର ପତି ଆଲୋକପାତ କରିଥିଲେ। ଜୁଲାଇ ୫ରୁ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ମୋବାଇଲ୍ ମରାମତି ପଦ୍ଧତି ସମ୍ପର୍କିତ ଏହି ତାଲିମ କାର୍ଯ୍ୟକ୍ରମ ବେକାର ଯୁବକଯୁବତୀମାନଙ୍କ ଦକ୍ଷତାରେ ଉନ୍ନତି ଆଣିବ ଏବଂ ମୋବାଇଲ୍ ପ୍ରଯୁକ୍ତି କ୍ଷେତ୍ରରେ ସ୍ୱାବଲମ୍ବୀ ହେବାକୁ ସେମାନଙ୍କ ପାଇଁ ସହାୟକ ହେବ ବୋଲି ଆଶାପ୍ରକାଶ କରାଯାଇଛି।

# ବ୍ୟାପୁଛି ଆଖିଧରା ରୋଗ

ରସୁଲପୁର,୫।୭(ରଞ୍ଜିତ ରାଉତ):



### ପରିଷ୍କାର, ପରିଚ୍ଛନ୍ନତାକୁ ଗୁରୁତ୍ୱଦେବାକୁ ଡାକ୍ତରଙ୍କ ପରାମର୍ଶ

ରସୁଲପୁର ବ୍ଲକ ଅଞ୍ଚଳରେ ଆଖିଧରା ରୋଗ ବ୍ୟାପିବାରେ ଲାଗିଛି। ଏହି ରୋଗରେ ପୀଡ଼ିତ ରୋଗୀଙ୍କ ଆଖିରେ ଯନ୍ତ୍ରଣା ହେବା ସହ ଆଖି ନାଲି ପଡ଼ିଯାଉଛି। ଆଖିରୁ ପାଣି ଗଡୁଛି, ଧଳା ଓ ଧୂସର ରଙ୍ଗର ଅଠାଳିଆ ପଦାର୍ଥ ନିର୍ଗତ ହେଉଥିବା ଲକ୍ଷ୍ୟ କରାଯାଉଛି। ଏହି ରୋଗ ବାୟୁବାହିତ ବୋଲି ସାଧାରଣରେ ବିଶ୍ୱାସ ରହିଛି। ଏପରି କି ଆଖିଧରା ରୋଗରେ ଆକ୍ରାନ୍ତ ବ୍ୟକ୍ତିଙ୍କ ଆଖିକୁ ଚାହିଁଦେଲେ ଅନ୍ୟ ଲୋକ ଆକ୍ରାନ୍ତ ହୋଇଥାନ୍ତି ବୋଲି ସାଧାରଣରେ ବିଶ୍ୱାସ ରହିଛି। ମାତ୍ର ଏସବୁ ଆଲୋଚନା, ଚର୍ଚ୍ଚା ଓ ଲୋକ ବିଶ୍ୱାସକୁ ଭୁଲ୍ ବୋଲି କହୁଛି ଡାକ୍ତରୀ ବିଦ୍ୟା।

ଏ ସମ୍ପର୍କରେ ଡାକ୍ତରଙ୍କ ମତରୁ ଜଣାଯାଇଛି କି ବ୍ୟାକ୍ଟେରିଆ ସଂକ୍ରମଣ ଦ୍ୱାରା ଆଖିଧରା ରୋଗ ହୋଇଥାଏ। ଏହି ରୋଗ ଦ୍ୱାରା ସଂକ୍ରମିତ ଜଣେ ଲୋକଙ୍କ ବସ୍ତ୍ରକୁ ଅନ୍ୟ ଜଣେ ବ୍ୟକ୍ତି ବ୍ୟବହାକଲେ ତାଙ୍କଠାରୁ ଭାଇରସ୍ ସଂକ୍ରମଣ ସ୍ଥାନାନ୍ତର ହୋଇଥାଏ। ତେଣୁ ସମ୍ପୃକ୍ତ ବ୍ୟକ୍ତି ଏହି ରୋଗରେ ଆକ୍ରାନ୍ତ ହେବା ସମ୍ଭାବନା ଅଧିକ ଥାଏ। ଏହାଛଡ଼ା ଅପରିଷ୍କାର ହାତରେ ବାରମ୍ବାର ଆଖିକୁ ସ୍ପର୍ଶକଲେ ରୋଗ ହେବା ସମ୍ଭାବନା ବଢ଼ିଯାଇଥାଏ। ପରିବର୍ତ୍ତିତ ପାଣିପାଗର ସ୍ଥିତିରେ ଏହି ରୋଗ ବିଶେଷ ପ୍ରଭାବ ପକାଇଥାଏ। ତାପମାତ୍ରାରେ ତାରତମ୍ୟ ଓ ପାଗରେ ଅସ୍ୱାଭାବିକ ପରିବର୍ତ୍ତନ ଯୋଗୁ ଶରୀରରେ ନାନା ପ୍ରକାର ରୋଗ ଦେଖାଦେଇଥାଏ। ସେସବୁ ରୋଗ ମଧ୍ୟରୁ ଆଖିଧରା ଅନ୍ୟତମ। ଆକ୍ରାନ୍ତଙ୍କ ଉପରେ ରୋଗର ପ୍ରଭାବ ସପ୍ତାହେବ୍ୟାପୀ ରହୁଥିବା ଲକ୍ଷ୍ୟ କରାଯାଉଛି। ଏହି ରୋଗ ନିୟନ୍ତ୍ରଣକୁ ଆଣିବାକୁ ହେଲେ ପରିଷ୍କାର ପରିଚ୍ଛନ୍ନତା ପ୍ରତି ଗୁରୁତ୍ୱଦେବା ଆବଶ୍ୟକତା ରହିଛି। ବିଶେଷକରି ହାତ ଧୋଇବା ଦିଗରେ ଅଧିକ ଧ୍ୟାନଦେବାକୁ ପଡ଼ିବ। ରୋଗରେ ଆକ୍ରାନ୍ତ ବ୍ୟକ୍ତି ହାଇଜେନିକ୍ ଦିଗ ପ୍ରତି ଧ୍ୟାନଦେବାକୁ ହେବ। ବାରମ୍ବାର ସାବୁନରେ ହାତ ଧୋଇବା ସହ ଆଖିକୁ ଛୁଇଁବା ପୂର୍ବରୁ ହାତକୁ ସଫା କରିବାକୁ ହେବ। ଆଖିକୁ ପୋଛିବା ପାଇଁ ସଫା କପଡ଼ାକୁ ଓଦାକରି ବ୍ୟବହାର କରିବାକୁ ପଡ଼ିବ। ଆକ୍ରାନ୍ତ ରୋଗୀଙ୍କୁ ଆଖିରେ କଳାଚଷମା ବ୍ୟବହାର କରିବାକୁ ଡାକ୍ତରୀ ପରାମର୍ଶ ଦିଆଯାଉଛି। ଏଭଳି କରିବା ଦ୍ୱାରା ଆଖିକୁ ଖରାର ପ୍ରକୋପ ଓ ବାହ୍ୟ ଧୂଳିଧୂଆଁ ଦାଉରୁ ସୁରକ୍ଷା ମିଳିପାରିବ। ଆଖିକୁ ଥଣ୍ଡା ରଖିଲେ ରୋଗକୁ ନେଇ ଯନ୍ତ୍ରଣାରୁ ଉପଶମ ମିଳିଥାଏ। ଏହିଭଳି ଲକ୍ଷଣ ଥିବା ରୋଗୀଙ୍କୁ ଡାକ୍ତରୀ ଔଷଧ ଭାବରେ ଆଣ୍ଟିବାଓଟିକ୍ ଓ ଆଖି ଡ୍ରପ୍ ଔଷଧ ବ୍ୟବହାର କରିବାକୁ ଡାକ୍ତରମାନଙ୍କ ପକ୍ଷରୁ ପରାମର୍ଶ ଦିଆଯାଉଛି।

ଏ ସମ୍ପର୍କରେ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସୁଧୀର କୁମାର ସାହୁଙ୍କୁ ପଚାରିବାରେ ସେ କହିଛନ୍ତି, ଏହି ରୋଗକୁ ନେଇ କୌଣସି ବ୍ୟସ୍ତତା ରହିବା ଦରକାର ନାହିଁ। ରୋଗ ଅତ୍ୟନ୍ତ କ୍ଷତିକାରକ ନୁହେଁ। ହେଲେ ରୋଗର ଲକ୍ଷଣ ଦେଖାଦେବା କ୍ଷଣି ଡାକ୍ତରୀ ପରାମର୍ଶ କରିବା ଜରୁରୀ। ଯଦିବା ଆଖି ଭଳି ଏକ ସୂକ୍ଷ୍ମ ଅଙ୍ଗ ସଂକ୍ରମିତ ହେଉଛି, ରୋଗୀଙ୍କୁ ଏଥିପ୍ରତି ଅଧିକ ଯତ୍ନବାନ୍ ରହିବାକୁ ପଡ଼ିବ। ସଫାସୁତୁରା ପ୍ରତି ଧ୍ୟାନଦେବାକୁ ହେବ। ପରିବାରରେ ଆଖିଧରା ରୋଗୀ ବ୍ୟବହାର କରୁଥିବା ବସ୍ତ୍ରକୁ ଅନ୍ୟ କେହି ବ୍ୟବହାର କରିବା ଅନୁଚିତ। ଆକ୍ରାନ୍ତ ବ୍ୟକ୍ତି ହାତକୁ ବାରମ୍ବାର ଧୋଇବା ଉପରେ ଧ୍ୟାନଦେବା ଆବଶ୍ୟକ ବୋଲି ସେ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ଯୁବକ ମୃତ

**ଡେରାବିଶ,୫ା୭(ବେବର୍ତ୍ତା ଅଜୟ ଦାସ):** ଡେରାବିଶ ଥାନା ଅଧୀନ ଗୋଲରାହାଟ ପଞ୍ଚାୟତ ଦୁମୁକା ଗ୍ରାମର ଅଶୋକ କାଣ୍ଡିଙ୍କ ପୁଅ ବୁବୁନା (୧୯) ବୁଧବାର ସନ୍ଧ୍ୟାରେ ବିଦ୍ୟୁତ୍ ଆଘାତରେ ମୃତ୍ୟୁବରଣ କରିଛନ୍ତି। ପରିବାରର ସୂଚନା ଅନୁଯାୟୀ, ବୁବୁନା ଜଣେ ରାଜମିସ୍ତ୍ରୀ ଭାବେ କାମ କରନ୍ତି । ବୁଧବାର କାମରୁ ଫେରି ନିଜ ଘରେ ଥିବା ଇନଭେଟରର ବ୍ୟାଟେରୀକୁ ଷ୍ଟାର୍ଟ କରିବା ପାଇଁ ଚାର୍ଜରର ପ୍ଲଗ୍ ଲଗାଉଥିବା ବେଳେ ତାଙ୍କୁ ବିଦ୍ୟୁତ୍ ଆଘାତ ଲାଗିଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜିଲାମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ବୁବୁନାଜଣେ ମିଷ୍ଟଭାଷୀ ଓ ପରୋପକାରୀ ଯୁବକ ଥିବାରୁ ତାଙ୍କ ଅକାଳ ବିୟୋଗରେ ସ୍ଥାନୀୟ ସରପଞ୍ଚ କାଶୀନାଥ କାଣ୍ଡି, ବ୍ଲକ ଅଧକ୍ଷା ପ୍ରଭାତି ମଲିକ, ପୂର୍ବତନ ଅଧକ୍ଷ ସରୋଜକାନ୍ତ ସାହୁ, ପୂର୍ବତନ ସରପଞ୍ଚ ମହେନ୍ଦ୍ର କୁମାର ସିଂ, କ୍ରୀଡ଼ାବିତ୍ ସାହାଜାନ୍ ଖାଁ ପ୍ରମୁଖ ଅଞ୍ଚଳର ବହୁ ବ୍ୟକ୍ତି ବୁବୁନାଙ୍କ ବିୟୋଗରେ ଶୋକବ୍ୟକ୍ତ କରିଛନ୍ତି। ମୃତ ବୁବୁନାଙ୍କ ମୃତଦେହକୁ ପୋଲିସ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି ।

### ଆଳି ନିର୍ବାଚନମଣ୍ଡଳୀ ବିଜେଡି ପକ୍ଷରୁ କାର୍ଯ୍ୟକାରିଣୀ ବୈଠକ



**ଆଳି,୫ା୭ (ବନମାଳୀ ସେନାବତି):** ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବେଳେ ବିଜେଡି ପକ୍ଷରୁ ସଙ୍ଗଠନ ସଜାଡ଼ିବା ସହ ନିର୍ବାଚନ ଲଢ଼ିବା ନିମନ୍ତେ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଯାଇଛି। ଏହି ଅବସରରେ ବୁଧବାର କେନ୍ଦ୍ରାପଡା, ଆଳି ବିଧାନସଭା ନିର୍ବାଚନମଣ୍ଡଳୀର କାର୍ଯ୍ୟକାରିଣୀ ବୈଠକ ବାଳକାଟି ପଞ୍ଚାୟତ ଫିଂସରି ଜେଟିଠାରେ ମନ୍ତ୍ରୀ ପ୍ରତାପ କେଶରୀ ଦେବଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ା ଜିଲା ପର୍ଯ୍ୟବେକ୍ଷକ ତଥା ମନ୍ତ୍ରୀ ପ୍ରମିଳା ମଲିକ ଯୋଗଦେଇ ନିର୍ବାଚନ ପୂର୍ବରୁ ଦଳୀୟ ସଙ୍ଗଠନ କିପରି ମଜଭୁତ ହେବ ସେ ସମ୍ପର୍କରେ ଉପସ୍ଥିତି କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ମନ୍ତ୍ରୀ ଦେବ କହିଥିଲେ, ଏବେ ନିର୍ବାଚନ ନୂତନ ଖସଡ଼ାରେ ଲଢ଼ିବାକୁ ପଡ଼ିବ। ଯୁବ ସମାଜ ଓ କର୍ମକର୍ତ୍ତା ଏକଜୁଟ ହୋଇ ନିର୍ବାଚନମଣ୍ଡଳୀର ସର୍ବାଙ୍ଗୀନ ବିକାଶ ପାଇଁ ଉଦ୍ୟମ ଅବ୍ୟାହତ ରଖିଲେ ବିଜୟଧାରା ବଜାୟ ରହିବା ନିଶ୍ଚିତ। ତୃଣମୁଳ ସ୍ତରରେ ସଙ୍ଗଠନ ମଜଭୁତ ରଖିବାକୁ ସେ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧରେ ଜିଲା ପରିଷଦ ଅଧକ୍ଷା ଗୀତାଞ୍ଜଳି ସେଠୀ, ଜିଲା ବିଜେଡି ସଭାପତି ଉତ୍କଳ ପରିଡା, ଆଳି ବ୍ଲକ ଅଧକ୍ଷ ମନୋରଞ୍ଜନ ସାମଲ, ଆଳି ବ୍ଲକ ବିଜେଡି ସଭାପତି ସନାତନ ମିଶ୍ର, ରାଜକନିକା ବ୍ଲକ ସଭାପତି ବିଦ୍ୟାଧର ବେହେରା ପ୍ରମୁଖ ଦଳର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏଥିରେ ଦଳର ବରିଷ୍ଠ ନେତାଙ୍କ ସମେତ କର୍ମୀମାନେ ଯୋଗ ଦେଇଥିଲେ।

# ରାଜନଗର ତହସିଲ ଆଗରେ ସାତଭାୟାର ୨ ଗୋଷ୍ଠୀଙ୍କ ଅନଶନ

**ରାଜନଗର,୫ା୭ (ଭାସ୍କର ରାଉତରାୟ)**





ତହସିଲ ଅଫିସ ଆଗରେ ଦୁଇ ଗୋଷ୍ଠୀ ପକ୍ଷରୁ ଧାରଣା ଦିଆଯାଇଛି।

- ୪୦ ପରିବାର ପ୍ଲଟ ଆଲଟ୍‌ମେଣ୍ଟ କପି ପାଇଁ ଦାବି
- ଏକକାଳୀନ ୨୩୫ ପରିବାରଙ୍କୁ ଥଇଥାନ ଦାବି ଜୋର ଧରିଲା

ବଙ୍ଗୋପସାଗର ମୁହଁରେ ଥିବା ସାତଭାୟା ପଞ୍ଚାୟତକୁ ସମୁଦ୍ର ଗର୍ଭସ୍ଥ କରିବା ପରେ ବିପନ୍ନ ପରିବାରକୁ ବଗପାଟିଆଠାରେ ଥଇଥାନ କରାଯାଇଛି। ୨୦୧୮ରେ ଆରାଧ୍ୟା ଦେବୀ ମା'ପଞ୍ଚୁବରାହୀଙ୍କୁ ଥଇଥାନ ସ୍ଥଳୀକୁ ସ୍ଥାନାନ୍ତରିତ କରାଯିବା ପରେ ସାତଭାୟାବାସୀ ଥଇଥାନ ସ୍ଥଳୀରେ ବସବାସ କରୁଛନ୍ତି। ପ୍ରଥମ ପର୍ଯ୍ୟାୟରେ ୫୭୧ ପରିବାରକୁ ଥଇଥାନ କରାଯାଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୧୪୮ ପରିବାରକୁ ଥଇଥାନ କରାଯାଇଛି। ଥଇଥାନରୁ ବାଦ୍ ପଡିଥିବା ଅବଶିଷ୍ଟ ପରିବାରକୁ ଥଇଥାନ କରିବା ପାଇଁ ବାରମ୍ବାର ଦାବିହୋଇ ଆସୁଥିଲା। ୫-ଟି ସଚିବ ଭି.କେ.ପାଣ୍ଡିଆନ ଥଇଥାନ ସ୍ଥଳୀକୁ ଗସ୍ତ କରିଥିବା ସମୟରେ ଥଇଥାନରୁ ବାଦ୍ ପଡିଥିବା ଅବଶିଷ୍ଟ ପରିବାରକୁ ଥଇଥାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପ୍ରଶାସନର ହସ୍ତଗତ ହୋଇଥିବା ୩୨୫ଟି ଆବେଦନକୁ ଚଳିତମାସ ୧୧ ଓ ୧୨ ଦୁଇଦିନ ଧରି ସକାଳ ୧୦ ରୁ ୫ ଘଟିକା ଯାଏଁ ସମସ୍ତ ଆବେଦନର ଯୁଗ୍ମ ତଦନ୍ତ କରାଯିବ। ନିର୍ଦ୍ଧାରିତ ତାରିଖ ଓ ସମୟରେ ଥଇଥାନରୁ ବାଦ୍ ପଡିଥିବା ପରିବାର ପକ୍ଷ ରଖିବାକୁ ତହସିଲଦାରଙ୍କ ପକ୍ଷରୁ ଚଳିତମାସ ୩ ତାରିଖ ଦିନ ନୋଟିସ ମରାଯାଇଛି। ଚଳିତମାସ ୧୧ ଓ ୧୨ ଦୁଇଦିନ ଧରି ଆବେଦନର ଯାଞ୍ଚ ପରେ ଥଇଥାନରୁ ବାଦ୍ ପଡିଥିବା ସମସ୍ତ ପରିବାରକୁ ଏକକାଳୀନ ଥଇଥାନ କରିବା ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ମାତ୍ର ବୁଧବାର ଡ. ଧରଣୀଧର ରାଉତ ଓ ସାତଭାୟା ଗ୍ରାମ ପଞ୍ଚାୟତର ଦଳିତ ସଂରକ୍ଷିତ ବର୍ଗ ସମାଜର ସଭାନେତ୍ରୀ ସସ୍ମିତା ମଲ୍ଲିକଙ୍କ ନେତୃତ୍ୱରେ ୪୦ ଦଳିତ ପରିବାର ତହସିଲ ସମ୍ମୁଖରେ ଆମରଣ ଅନଶନରେ ବସିଛନ୍ତି। ସେମାନଙ୍କ ଦାବି ହେଲା ଆମକୁ ଥଇଥାନ କରିବା ପାଇଁ ପୂର୍ବରୁ ପ୍ଲଟ ଆଲାର୍ଟମେଣ୍ଟ କରାଯାଇଛି, ଆମକୁ ପ୍ଲଟ ଆଲାର୍ଟମେଣ୍ଟ ସ୍ଲିପ ପ୍ରଦାନ କରାଯାଉ। ଆମକୁ ଆଲାର୍ଟମେଣ୍ଟ ସ୍ଲିପ ନ ମିଳିବା ଯାଏଁ ଆମେ ଆମରଣ ଅନଶନରେ ବସିବୁ ବୋଲି କହିଛନ୍ତି। ଏଥିସହ ରାଜନଗର ତହସିଲଦାର ଆମକୁ ପ୍ରତାରଣା କରୁଥିବା ବିରୋଧରେ ଏହି ଆମରଣ ଅନଶନ ବୋଲି ଡ. ରାଉତ କହିଛନ୍ତି। ସେପଟେ ସାତଭାୟାର ସୁଦର୍ଶନ ମଲିକ, ତ୍ରିଲୋଚନ ମଲିକ, ଶ୍ରୀକାନ୍ତ ବେହେରା, ପବିତ୍ର ମଲିକ, ମଙ୍ଗୁଳି ଚରଣ ଦାସ ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ ରାଜନଗର ତହସିଲଦାରଙ୍କ କାର୍ଯ୍ୟାଳୟ ପରିସରରେ ଅନଶନରେ ବସିଥିଲେ। ଥଇଥାନରୁ ବାଦ ପଡିଥିବା ସମସ୍ତ ୨୩୫ ପରିବାରକୁ ଏକାକଳୀନ ଥଇଥାନ କରାଯାଉ। ଆପଣଙ୍କ କାର୍ଯ୍ୟାଳୟ ପକ୍ଷରୁ ଦିଆଯାଇଥିବା ନୋଟିସ୍ ଅନୁଯାୟୀ ତଦନ୍ତ କରି ଏକକାଳୀନ ସମସ୍ତ ପରିବାରକୁ ଥଇଥାନ ଦାବିରେ ଅନଶନରେ ବସିଥିଲେ। ଏପରିକି ସେମାନେ ବୁଧବାର ତହସିଲଦାରଙ୍କୁ ଦେଇଥିବା ଆବେଦନପତ୍ରରେ ନେତା ବୋଲାଉଥିବା ଜଣେ ବ୍ୟକ୍ତି ନିଜର ସ୍ୱାର୍ଥ ସାଧନ ନିମନ୍ତେ ଦଳିତ ସମ୍ପ୍ରଦାୟର ଲୋକମାନଙ୍କୁ ସାଙ୍ଗରେ ଧରି ଆମ ଭିତରେ ଜାତିଆଣା ଭେଦଭାବ ସୃଷ୍ଟି କରୁଛନ୍ତି। ସେମାନେ ଯେଉଁ ୪୦ ପରିବାର କଥା କହୁଛନ୍ତି, ସେ ୪୦ ପରିବାର ୨୩୫ ତାଲିକା ମଧ୍ୟରେ ଅଛନ୍ତି। ଆମ ଭିତରେ ବିଭେଦତା ସୃଷ୍ଟି କରୁଥିବା ବ୍ୟକ୍ତି ଆମ ମଧ୍ୟରେ ଥିବା ଭାଇଚାରାକୁ ନଷ୍ଟ କରୁଛନ୍ତି। ୨୦୧୦ରୁ ସାତଭାୟା ଥଇଥାନ କମିଟି ପ୍ରଶାସନ ସହ ସମନ୍ୱୟ ରଖି ସମସ୍ତ କାର୍ଯ୍ୟ କରି ଆସୁଛି। ଥଇଥାନ ସମ୍ବନ୍ଧୀୟ ସମସ୍ୟାରେ ଅନ୍ୟ କାହାରି ଅଯଥା ହସ୍ତକ୍ଷେପକୁ ବନ୍ଦ କରି ୨୩୫ ପରିବାରଙ୍କର ତଦନ୍ତ କରି ଯୋଗ୍ୟ ପରିବାରଙ୍କୁ ଏକା ସଙ୍ଗରେ ଘରଡିହ ସହ ଅନ୍ୟାନ୍ୟ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବାକୁ ଜଣାଇଛନ୍ତି। ରାଜନଗର ତହସିଲଦାର ଅଶ୍ୱିନୀ କୁମାର ଭୁୟାଁଙ୍କୁ ପଚାରିବାରୁ ଥଇଥାନ ପାଇଁ ୨୩୫ଟି ଆବେଦନପତ୍ର ଆସିଛି। କିଏ ଥଇଥାନ ହେବାକୁ ଯୋଗ୍ୟ ଓ କିଏ ଅଯୋଗ୍ୟ ସେ ନେଇ ଚଳିତମାସ ୧୧ ଓ ୧୨ ଦୁଇଦିନ ଧରି ଥଇଥାନ ସ୍ଥଳୀରେ ଆବେଦନକାରୀଙ୍କ ଆବେଦନପତ୍ର ଯାଞ୍ଚ କରାଯିବ। ଏହି ଯାଞ୍ଚ ପକ୍ରିୟା ପରେ ଥଇଥାନରୁ ବାଦ୍ ପଡିଥିବା ପରିବାରକୁ ଥଇଥାନ କରାଯିବ ବୋଲି କହିଛନ୍ତି।

# ନଦୀକୂଳରେ ଆଡ଼ିବନ୍ଧ ନିର୍ମାଣ କଲେ ଗ୍ରାମବାସୀ

**ଆଳି,୫ା୭(ବନମାଳୀ ସେନାପତି )**



ଗ୍ରାମବାସୀ ଆଡ଼ିବନ୍ଧ ନିର୍ମାଣ କରୁଛନ୍ତି।

ନଦୀରେ ସାମାନ୍ୟ ବନ୍ୟା ଆସିଲେ ଗାଁ ଭିତରକୁ ପଶିଆସେ ବନ୍ୟାପାଣି । ଗାଁ ଭିତରେ ବନ୍ୟା ପାଣି ପଶି ଅନେକ କ୍ଷୟକ୍ଷତି ଘଟାଇ ଥାଏ । ଯେଉଁ ସ୍ଥାନରେ ବନ୍ୟା ଜଳ ଗାଁ ଭିତରକୁ ପଶିଆସେ ସେହି ସ୍ଥାନରେ ମାଟିବନ୍ଧ ନିର୍ମାଣ କରିବା ନିମନ୍ତେ ଗ୍ରାମବାସୀ ପଞ୍ଚାୟତର ସରପଞ୍ଚଠୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ସମସ୍ତଙ୍କୁ ଗୁହାରି କରିବା ପରେ ଏବେ ନିଜେ ନିଜେ ଚାନ୍ଦା ଆଦାୟ କରିବା ସହିତ ଏକ ସାମାଜିକ ଅନୁଷ୍ଠାନ ସହଯୋଗରେ ତିଆରି କରିଛନ୍ତି ଆଡିବନ୍ଧ । ଏଭଳି ବନ୍ଧ ନିର୍ମାଣ ହୋଇଛି ଆଳି ବ୍ଲକ ନରେନ୍ଦ୍ରପୁର ପଞ୍ଚାୟତରେ।

ସୂଚନା ଅନୁଯାୟୀ, ଆଳି ବ୍ଲକ ନରେନ୍ଦ୍ରପୁର ପଞ୍ଚାୟତ ନିକଟରେ ପ୍ରବାହିତ ହେଉଛି ବ୍ରାହ୍ମଣୀ ନଦୀ । ପଞ୍ଚାୟତର ୧୨ ଓ ୧୩ଟି ୱାର୍ଡ ପାଇଁ ବିପଦ ସାଜିଛି ବ୍ରାହ୍ମଣୀ ନଦୀ । ବ୍ରାହ୍ମଣୀ ନଦୀ ଜଳ ଦିନକୁ ଦିନ କୂଳଖାଇ ଚାଲିଛି । ଏହି ଦୁଇ ୱାର୍ଡର ଅଧିବାସୀମାନେ ଯେଉଁ ତୁଠ ବ୍ୟବହାର କରିଥାନ୍ତି ସେଠାକୁ ପଡ଼ିଥିବା ମାଟି ରାସ୍ତା ଏବେ ଧୋଇ ଯାଇଛି । ସାମାନ୍ୟ ବନ୍ୟା ଆସିଲେ ଗାଁ ଭିତରକୁ ସେହି ବାଟେ ବନ୍ୟା ପାଣି ପଶି ଅନେକ କ୍ଷୟ କ୍ଷତି ଘଟାଇ ଥାଏ। ଏ ନେଇ ଗ୍ରାମବାସୀ ସେହି ସ୍ଥାନରେ ଏକ ମାଟି ବନ୍ଧ ବାନ୍ଧିବା ନିମନ୍ତେ ସରପଞ୍ଚ ଓ ପ୍ରଶାସନକୁ ଅବଗତ କରିଥିଲେ । କିନ୍ତୁ ପ୍ରଶାସନ ପକ୍ଷରୁ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ । ଫଳରେ ଗ୍ରାମର ସଞ୍ଜୀବ କୁମାର ରାଉତ ଓ ସାମାଜିକ ଅନୁଷ୍ଠାନ ସୋସାଇଟି ରୁଟ୍ସ ଫାଉଣ୍ଡେଶନର ସନ୍ତୋଷ କୁମାର କରଙ୍କ ଚେଷ୍ଟା ଓ ଗ୍ରାମବାସୀଙ୍କ ସହଯୋଗରେ ଆଡିବନ୍ଧ ନିର୍ମାଣ ହେବା ସହିତ ନଷ୍ଟ ହୋଇଥିବା ଯାତାୟତ ରାସ୍ତା ମରାମତି କରାଯାଇଛି । ଏ ନେଇ ନରେନ୍ଦ୍ରପୁର ସରପଞ୍ଚ ଇନ୍ଦୁମତୀ ସ୍ୱାଇଁଙ୍କୁ ପଚାରିବାରୁ ସେ କହିଥିଲେ, ଗ୍ରାମବାସୀଙ୍କ ଦାବି ମୁତାବକ ନଦୀ କୂଳରେ ଆଡିବନ୍ଧ ନିମନ୍ତେ ବ୍ଲକକୁ ପ୍ରୋଜେକ୍ଟ ଦିଆ ଯାଇଛି, ସରକାରୀସ୍ତରରେ ପ୍ରୋଜେକ୍ଟ ମଞ୍ଜୁର ହେଲେ କାର୍ଯ୍ୟ କରାଯିବ । ଯେଉଁ ଗ୍ରାମବାସୀ ଓ ସାମାଜିକ ଅନୁଷ୍ଠାନ ଏହି କାର୍ଯ୍ୟ କରିଛନ୍ତି ତାଙ୍କୁ ସେ ସାଧୁବାଦ ଜଣାଇଛନ୍ତି। ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ହେବାକୁ ଥିବା ଏହି କାମରେ ସେହି ୱାର୍ଡବାସୀଙ୍କୁ ନିୟୋଜିତ କରାଯାଇ ଆଡିବନ୍ଧକୁ ଆହୁରି ସୁଦୃଢ଼ କରାଯିବ । ଏ ନେଇ ବିଡ଼ିଓ ଦିବେନ୍ଦୁ ଦାସଙ୍କୁ ପଚାରିବାରୁ ସେ ଏହି ପ୍ରକଳ୍ପ କାର୍ଯ୍ୟ କିପରି ଶୀଘ୍ର ଶେଷ ହୋଇପାରିବ ସେ ନେଇ ଦୃଷ୍ଟି ଦେବେ ବୋଲି ପ୍ରକାଶ କରିଛନ୍ତି।

# ନୂଆ ଶିକ୍ଷୟିତ୍ରୀଶିକ୍ଷକଙ୍କ ପାଇଁ ବିଗ୍‌ନର୍ସ କୋର୍ସ

**ଜଗତ୍‌ସିଂହପୁର, ୫ା୭ (ପ୍ରମୋଦ କୁମାର ନାୟକ)**

**ଜଗତ୍‌ସିଂହପୁର ଜିଲା ଭାରତ ସ୍କାଉଟ, ଗାଇଡ୍ସ**

ସେବା ଭଳି ମହତ୍ ଲକ୍ଷ୍ୟ ରଖି ସ୍କାଉଟ ଓ ଗାଇଡ୍ସ କାମ କରୁଛି। ବିଶେଷକରି ସଙ୍ଗଠନ ସ୍କାଉଟ ଓ ଗାଇଡ୍ସର ପ୍ରଚାର, ପ୍ରସାର ସାଙ୍ଗକୁ ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଗୁଣାବଳୀର ବିକାଶରେ ସହାୟକ ପାଇଁ ବ୍ୟାପକ ଉଦ୍ୟମ ଜାରି ରଖିଛି। ଏହି ପରିପ୍ରେକ୍ଷୀରେ ଜଗତ୍‌ସିଂହପୁର ଜିଲାରେ ନୂଆକରି ସରକାରୀ ଶିକ୍ଷାନୁଷ୍ଠାନରେ ଯୋଗଦେଇଥିବା ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ସ୍କାଉଟ ଓ ଗାଇଡ୍ସର ଉଦ୍ଦେଶ୍ୟ, ନୂଆ ସଙ୍ଗଠନ କରି ଛାତ୍ରୀଛାତ୍ରଙ୍କୁ ଯୋଡ଼ିବା ପାଇଁ କି ପ୍ରକାର ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିବ ସେନେଇ ବିଗ୍‌ନର୍ସ କୋର୍ସ ଆରମ୍ଭ ହୋଇଛି। ବୁଧବାର ଜିଲା ଶିକ୍ଷା ଅଧିକାରୀ ତଥା ଜିଲା ମୁଖ୍ୟ ସ୍କାଉଟ କମିଶନର ନିରଞ୍ଜନ ବେହେରାଙ୍କ ନିର୍ଦ୍ଦେଶକ୍ରମେ ଜିଲା ସମ୍ପାଦକଙ୍କ ଉଦ୍ୟମରେ ଶ୍ରୀକୃଷ୍ଣ ଏକାଡେମୀ ପରିସରରେ ବିଗ୍‌ନର୍ସ କୋର୍ସ ଆରମ୍ଭ ହୋଇଛି। ଜିଲା ଶାରୀରିକ ଶିକ୍ଷା ପରିଦର୍ଶକ ତଥା ଜିଲା ଭାରତ ସ୍କାଉଟ ଓ ଗାଇଡ୍ସ ସମ୍ପାଦକ ବିଦ୍ୟାଧର ପ୍ରଧାନଙ୍କ ପୌରୋହିତ୍ୟରେ ଉଦ୍‌ଘାଟିତ ଉତ୍ସବରେ ଶ୍ରୀକୃଷ୍ଣ ଏକାଡେମୀର ପ୍ରଧାନ ଶିକ୍ଷକ ଶୁକଦେବ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଭୟ ଶିକ୍ଷକ ଓ ପିଲାମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଏଥିରେ ସ୍କାଉଟ ଓ ଗାଇଡ୍ସରେ ନବାଗତ ଶିକ୍ଷୟିତ୍ରୀଶିକ୍ଷକଙ୍କ ପାଇଁ ବିଗ୍‌ନର୍ସ କୋର୍ସରେ ଉଦ୍ଦିଷ୍ଟ ବିଭିନ୍ନ ପାଠ ଓ ବିଭିନ୍ନ ଆକ୍ଟିଭିଟି ସମ୍ପର୍କରେ ଜିଲା ସ୍କାଉଟ କମିଶନର ସୁଭାସ ଚନ୍ଦ୍ର ରାଉତ, ମାଷ୍ଟର ରିସୋର୍ସ ତଥା ଜିଲା ସଙ୍ଗଠନ ଉପଦେଷ୍ଟା ବିଜୟ କୁମାର ରଥ, ପ୍ରଶିକ୍ଷକ ଅମୂଲ୍ୟ କୁମାର ମିଶ୍ର, ଜିଲା ସଙ୍ଗଠନ ଗାଇଡ କମିଶନର ଲତା ଦେଈ ଓ ଟ୍ରେନିଂ କମିଶନର ସସ୍ମିତା ଶତପଥୀ ପ୍ରମୁଖ ବିସ୍ତୃତ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାର ମନୋନୀତ ୭୦ଟି ବିଦ୍ୟାଳୟରୁ ୭୦ଜଣ ଶିକ୍ଷୟିତ୍ରୀଶିକ୍ଷକ ଅଂଶଗ୍ରହଣ କରିଥିଲେ। ଜିଲା ସଙ୍ଗଠନ କମିଶନର ପ୍ରତାପ ଚନ୍ଦ୍ର ରାଉତରାୟ ପ୍ରତ୍ୟେକଙ୍କୁ ସ୍ୱାଗତ କରିଥିଲେ।



ନୂଆ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଛି।

# ୬୩ କି.ମି. ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର

**ରାଜନଗର,୫ା୭ (ଭାସ୍କର ରାଉତରାୟ)**

ରାଜନଗର ଓ ପଟ୍ଟାମୁଣ୍ଡାଇ ବ୍ଲକର ୧୨ଟି ପଞ୍ଚାୟତ ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର ହୋଇଛି। ରାଜନଗର ନିର୍ବାଚନମଣ୍ଡଳୀର ଟିକାୟତନଗରରୁ ଭଞ୍ଜପ୍ରସାଦ ଭାୟା ବୀରଭଞ୍ଜପୁର, ଜ୍ୟୋତିପ୍ରସାଦ ଓ ରାଜପାଟଣା ୫ କିମି ୨୦୦ ମିଟର, ସାନଓର ହନୁମାନ ମନ୍ଦିର ପୂର୍ତ୍ତବିଭାଗ ରାସ୍ତା ଠୁଁ ବରଗୁଡିଦଣ୍ଡା ରାସ୍ତା ପର୍ଶୁରାମଦାସ ଘର ପର୍ଯ୍ୟନ୍ତ ୫ କିମି ରାସ୍ତା, ମାଳିପୁର ଠୁଁ ବଳଭଦ୍ରପୁର ଭାୟା ରାଘପୁର, ଡାମରପୁର, ବାଲିପାଟଣା, ଖର୍ଦ୍ଧାପାଟଣା, ଛତ୍ରଧରପାଟଣା ୬ କିମି ୧୦୦ ମିଟର, କେରୁଆଁପାଳ ଲୁଣା ଘେରିବନ୍ଧ ମନୋରଞ୍ଜନ ମଣ୍ଡଳ ଘରଠାରୁ ଲକ୍ଷ୍ମୀକାନ୍ତ ମଣ୍ଡଳ ଘର ଯାଏଁ ୫ କିମି ରାସ୍ତା, ବିଳିକଣାଠାରୁ ବାଳିଆପଲ୍ଲୀ ଭାୟା ସାତକୁଡିଆ ରାସ୍ତା ୫ କିମି, ବେଲପାଳ ଆରଡି ରାସ୍ତାଠୁଁ ବେଲପାଳ ବାସୁଳେଇ ରୋଡ ୫ କିମି, ବାଘମାରିରୁ ଅହିରାଜପୁର ଭାୟା ଅମରାବତୀ, ଗିରିଆପାହି, ଦେଉଳସାହି, ଅନନ୍ତକେଶରୀ ୫ କିମି ୪ଶହ ମିଟର, ବଡପଡ଼ାଠାରୁ ଦେଉଳି ଭାୟା କାଠିଆପଡା, କଣିପାଳ, ବଇପାଟଣା, ସାନମୋହନପୁର, ଭୋଇପଡା, ବାଲିପାଟଣା ୬ କିମି ୨ଶହ ମିଟର ରାସ୍ତା, ବଡଓଲରା ରୁ ଭଗବାନପୁର ଭାୟା ସାନଓଲରା ରୋଡ ୫ କିମି, ଅଡାଯୋରୀ ପୂର୍ତ୍ତବିଭାଗ ରାସ୍ତାଠାରୁ ଗୁପ୍ତିରା ରାସ୍ତା ୫ କିମି ୨୫୦ ମିଟର, ନପଙ୍ଗ ଠୁଁ ବନ୍ଧସାହି ୫ କିମି, ଅଇନିପଡା ଆରଡି ରାସ୍ତା ଠାରୁ ସାତଭଉଣୀ ହାଇସ୍କୁଲ ଯାଏଁ ୫ କିମି ପଞ୍ଚାୟତ ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର ହୋଇଛି। ୬୩ କିମି ୧୫୦ ମିଟରର ଏହି ୧୨ଟି ରାସ୍ତା ପୂର୍ବରୁ ମରାମତି ପାଇଁ ଆର୍ଥିକ ସମସ୍ୟା ଦେଖା ଦେଉଥିଲା। ଏଣିକି ଏହି ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ମାଣ କରିବ। ଫଳରେ ଏହି ସବୁ ରାସ୍ତା ଉପରେ ନିର୍ଭର କରୁଥିବା ଅଧିବାସୀମାନଙ୍କର ସବୁ ଦିନିଆ ସମସ୍ୟା ସମାଧାନ ହେବ। ରାଜନଗର ବିଧାୟକ ଧ୍ରୁବ ସାହୁ ଏହି ରାସ୍ତା ଗୁଡିକୁ ପଞ୍ଚାୟତରାଜ ବିଭାଗରୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର ପାଇଁ ଚିଠି ମାଧ୍ୟମରେ ଜଣାଇଥିଲେ। ଚଳିତମାସ ୩ ତାରିଖ ଦିନ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି।

# ଭବିଷ୍ୟତ ସୁରକ୍ଷା ପାଇଁ ସ୍ଥାୟୀ ଅଭ୍ୟାସ ବଦଳାଅ

**ପାରାଦୀପ,୫ା୭ (ଶରତ ରାଉତ)**

ସ୍ଥାନୀୟ ମଧୁବନ ବିର୍ସା ମୁଣ୍ଡା ନବପ୍ରଭାତ ଶିଶୁ ବିଦ୍ୟାମନ୍ଦିରରେ ବୁଧବାର ବନ ମହୋତ୍ସବ ପାଳିତ ହୋଇଯାଇଛି। ସ୍ୱେଚ୍ଛାସେବୀ ସଙ୍ଗଠନ ଆହ୍ୱାନ କମ୍ପାଇନ୍ସ ପକ୍ଷରୁ ଏ ନେଇ ସଚେତନତା କାର୍ଯ୍ୟକ୍ରମ, ଚାରା ରୋପଣ ଆଦି କରାଯାଇଥିଲା। ଜଳବାୟୁ ପରିବର୍ତ୍ତନ, ପରିବେଶ ପ୍ରଦୂଷଣ ଯେପରି ବୃଦ୍ଧି ପାଉଛି ଏହା ବଳବତ୍ତର ରହିଲେ ଆଗାମୀ ବଂଶଧରଙ୍କ ପାଇଁ ବିପଦ ସୃଷ୍ଟି କରିବ। ସେଥିପାଇଁ ଏବେଠାରୁ ଆମେ କେତେକ ସ୍ଥାୟୀ ଅଭ୍ୟାସ ପରିବର୍ତ୍ତନ ଆଣିବାକୁ ହେବ। ଯଥା ପ୍ରତି ଫଳ ଖାଇ ତାର ମଞ୍ଜିକୁ ରାସ୍ତାକଡ଼ରେ ପକାଇବା, ଜଳ ଅପଚୟ ରୋକିବା, ବିଜୁଳି ବ୍ୟବହାର କମ୍ କରିବା, ସାମୁହିକ ଗାଡ଼ିରେ ଯିବା ଭଳି ପରିବର୍ତ୍ତନ ଆଣିବାକୁ ହେବ ବୋଲି ସଙ୍ଗଠନ ସଭାପତି ସାଗର ବିଶ୍ୱାଳ କହିଥିଲେ।

# ମୋଟର ଚାଳକ ସଂଘ କାର୍ଯ୍ୟକାରିଣୀ ବୈଠକ

**କେନ୍ଦ୍ରାପଡ଼ା, ୫ା୭ (ଜଗନ୍ନାଥ ଧଳ)**

**ଶ୍ରୀକୃଷ୍ଣ ଜନ୍ମାଷ୍ଟମୀରେ ସାରଥି ଦିବସ ପାଳନ ନିଷ୍ପତ୍ତି**




ସହରର ଗୋପସ୍ଥିତ କମଳ ଭବନଠାରେ ଓଡିଶା ମୋଟର ଚାଳକ ସଂଘ କେନ୍ଦ୍ରାପଡ଼ା ଜିଲା ଶାଖାର କାର୍ଯ୍ୟକାରୀଣୀ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସଭାପତି ଅକ୍ଷୟ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆସନ୍ତା ଶ୍ରୀକୃଷ୍ଣଙ୍କ ଜନ୍ମାଷ୍ଟମୀ ତିଥିରୁ ସଂଘ ପକ୍ଷରୁ ସାରଥୀ ଦିବସ ପାଳନ ହେବ ବୋଲି ନିଷ୍ପତ୍ତି ହୋଇଛି। ଏଥିସହିତ ନଗର ଶାଖାର ଲୋଗୋ ଉନ୍ମୋଚନ ଓ ପରିଚୟପତ୍ର ବଣ୍ଟନ ହୋଇଛି । ସେହିପରି ସଂଘର ଜିଲା କମିଟିର କର୍ମକର୍ତ୍ତା ମନୋନୟନ ହୋଇଛି । ବୈଠକରେ ମୁଖ୍ୟଅତିଥି ଭାଜପା ବରିଷ୍ଠ ନେତା ଭୁବନମୋହନ ଜେନା ଯୋଗ ଦେଇ ସମାଜର ଅର୍ଥନୀତି ପ୍ରଗତୀରେ ଚାଳକଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ । ଏଥିସହିତ ସାରଥୀ ଦିବସ ପାଳନ ପାଇଁ ପ୍ରସ୍ତାବ ଆହ୍ୱାନ କରିଥିଲେ। ଅନ୍ୟତମ ସମ୍ମାନୀତ ଅତିଥି ପୂର୍ବତନ ବିଧାୟକ ଅଲେଖ ଜେନା ସଙ୍ଗଠନ ଦ୍ୱାରା ମନୋବଳ ଦୃଢ଼ ହେବା ସହିତ ଚାଳକଙ୍କ ସମସ୍ୟାର ସମାଧାନ ହେବ ବୋଲି ମତ ରଖିଥିଲେ । ସେହିପରି ରାଜ୍ୟ ଉପସଭାପତି ଦେବେନ୍ଦ୍ରନାଥ ବେହେରା, ସାଧାରଣ ସମ୍ପାଦକ ଅରୁଣ କୁମାର ମହାନ୍ତି ସଙ୍ଗଠନର ଆବଶ୍ୟକତା ସମ୍ପର୍କରେ ଆଲୋଚନା ସହିତ ଏହାର ସୁଦୃଢ଼ୀକରଣ ପାଇଁ ରଣନୀତି ପ୍ରସ୍ତୁତ କରିଥିଲେ । ଏହି ଅବସରରେ ଜିଲା କମିଟି କର୍ମକର୍ତ୍ତା ଘୋଷଣା ହୋଇଥିଲା । ସଭାପତି ଭାବେ ମନୀନ୍ଦ୍ର କୁମାର ରାଉତ, କାର୍ଯ୍ୟକାରୀ ସଭାପତି ଦାଶରଥି ସାହୁ, ଉପସଭାପତି ଧର୍ମେନ୍ଦ୍ର କୁମାର ସାହୁ, ଦିଲୀପ କୁମାର ମଲିକ, ଜଗବନ୍ଧୁ ଲେଙ୍କା, ସଙ୍ଗଠନ ସମ୍ପାଦକ ରାଜକିଶୋର ସ୍ୱାଇଁ, ସମ୍ପାଦକ ଲୋକନାଥ ସ୍ୱାଇଁ, ସହ ସମ୍ପାଦକ ସାଜିଦ ଅଲ୍ଲୀ, ସନ୍ତୋଷ ମଲ୍ଲିକ କୋଷାଧ୍ୟକ୍ଷ ଭାବେ ଶଶୀଭୂଷଣ ଖୁଣ୍ଟିଆ, ଅଜୟ କୁମାର ଘଡେଇ ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ପ୍ରସନ୍ନ ପରିଡା, ରତ ଚନ୍ଦ୍ର ସାହାଣୀ, ମେହେତା ଦିଗଲ, ଲୋକନାଥ ଦାସ ପ୍ରମୁଖ ପରିଚାଳନା କରିଥିଲେ । ଏହି ବୈଠକରେ ରାଜ୍ୟର ସମ୍ବଲପୁର, ବଲାଙ୍ଗୀର, ବୌଦ୍ଧ, ଅନୁଗୋଳ, କେନ୍ଦୁଝର, ଭଦ୍ରକ ସମେତ ମୋଟ ୨୦ ଜିଲାର କର୍ମକର୍ତ୍ତା ଯୋଗ ଦେଇଥିଲେ।

# ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲରେ ପାଣି ନାହିଁ

**କେନ୍ଦ୍ରାପଡ଼ା,୫ା୭ (ଜଗନ୍ନାଥ ଧଳ)**

- ମୌସୁମୀର ଲୁଚକାଳି ଖେଳ
- ଗଜା ମରୁଡ଼ି ଆଶଙ୍କା



ପ୍ରଶାସନିକ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ମୌସୁମୀ ଲୁଚକାଳି ଖେଳୁଛି। ବର୍ଷା ଅଭାବରୁ ବିଲରେ ପଡ଼ିଥିବା ଧାନ ତଳି ଗଜା ମରୁଡ଼ି ହେବାକୁ ବସିଛି। ବର୍ଷାକୁ ଅନେଇ ବସିଥିବା ଚାଷୀମାନେ ହତାଶ ହୋଇପଡ଼ିଛନ୍ତି । ଖରିଫ ଚାଷ ବେଳେ ଦୁର୍ବଳ ମୌସୁମୀ ବର୍ଷା ସେମାନଙ୍କୁ ଚିନ୍ତାରେ ପକାଇଛି। ଆଷାଢ଼ ସରି ଶ୍ରାବଣ ଆରମ୍ଭ ହୋଇଛି । ହେଲେ ଧାନ ତଳି ଉତାରି ହୋଇପାରୁ ନାହିଁ। ଗଜା ବାହାରି ପାଣି ଅଭାବରୁ ତାହା ଗଛ ହୋଇପାରୁନି। ଅନ୍ୟପଟେ ଗତ ବର୍ଷାଦିନ ଠାରୁ ପଟ୍ଟାମୁଣ୍ଡାଇ ମୁଖ୍ୟକେନାଲରେ ସହିତ ଶାଖା କେନାଲଗୁଡିକ ଶୁଖିଲା ପଡିଛି। କେନାଲରେ ପାଣି ଆସୁ ନ ଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ଗୋଟିଏ ପଟେ ବର୍ଷାକୁ ମୌସୁମୀ ଧୋକା ଦେଉଥିବା ବେଳେ ଜଳସେଚନ ବିଭାଗ ଚୁପ ବସିଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି।

କେନ୍ଦ୍ରାପଡ଼ା ଜିଲାର ଭାତହାଣ୍ଡି କୁହାଯାଉଥିବା ପଟ୍ଟାମୁଣ୍ଡାଇ ଉତିକଣ ଅଞ୍ଚଳରେ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି । ତୁରନ୍ତ ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲରେ ପାଣି ଛାଡିବାକୁ ଉତିକୋଣ ଅଞ୍ଚଳର ଚାଷୀ ଓ ସାମାଜିକ କର୍ମୀମାନେ ଜଳସମ୍ପଦ ବିଭାଗ ସହନିର୍ବାହୀ ଯନ୍ତ୍ରୀଙ୍କୁ ଦାବି କରିଛନ୍ତି । ସାମାଜିକ କର୍ମୀ ତଥା କୃଷକ ଜ୍ୟୋତି ପ୍ରକାଶ ପ୍ରଧାନଙ୍କ ନେତୃତ୍ୱରେ ବନମାଳୀ ମହାପାତ୍ର, ମହେନ୍ଦ୍ର ଜୀବନ ଦାଶ, ସୁରେନ୍ଦ୍ର ସାମଲ,ରମାକାନ୍ତ ଦାଶ, ଜଳଧର ମହାନ୍ତି, ଖଗେଶ୍ୱର ରାଉତ,ମିଥୁନ ମଳିକ, କାଳିନ୍ଦୀ ପଲାଇ, ଜମେଶ୍ ସ୍ୱାଇଁ ,ଦିଲୀପ ମଳିକ, କୁଳମଣି ପଣ୍ଡା ସୌଭାଗ୍ୟ ପ୍ରଧାନ,ଅଭିରାମ ଜେନା,କେଶବ ପ୍ରଧାନ, ବୀରକିଶୋର ସ୍ୱାଇଁଙ୍କ ସମେତ ପ୍ରାୟ ୫୦ରୁ ଅଧିକ ଚାଷୀ ଜଳସମ୍ପଦ ବିଭାଗ କାର୍ଯ୍ୟାଳୟରେ ପହଞ୍ଚି ସହନିର୍ବାହୀ ଯନ୍ତ୍ରୀ ପ୍ରଭାତ ସାହୁଙ୍କୁ ଦାବିପତ୍ର ଦେବା ସହ ଦିନେ ୨ ଦିନ ମଧ୍ୟରେ କେନାଲରେ ପାଣି ଛାଡିବାକୁ ଦାବି କରିଛନ୍ତି। ସେମାନଙ୍କ କହିବା କଥା, ପଟ୍ଟାମୁଣ୍ଡାଇ ଅଞ୍ଚଳର କେନାଲ ପାଖାପାଖି ଜମିରେ ତଳି ପକାଯାଇ ଧାନ ଗଛ ରୁଆ ଯାଏ। ସହଳ କିସମ ଧାନ ଗଛ ପାଇଁ ସମୟ ସୀମା ଅଛି। ଜୁନ ମାସ ଆରମ୍ଭରୁ ଧାନ ତଳି ପକାଇଲେ ଶତ ପ୍ରତିଶତ ଗଛ ହେଉଥିବା ବେଳେ ମାସର ଶେଷକୁ ତଳି ପକାଇଲେ ପ୍ରାୟ ୬୦ ପ୍ରତିଶତ ଗଛ ମିଳିବ। ତେବେ ଜିଲା ଜଳସମ୍ପଦ ବିଭାଗ ଏଥିନେଇ ସଚେତନ ନୁହନ୍ତି। ଉପଯୁକ୍ତ ସମୟରେ କେନାଲରେ ପାଣି ଛାଡ଼ିବା ପାଇଁ ସେମାନେ ତତ୍ପରତା ଦେଖାଉନାହାନ୍ତି । ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ଜଣାଇଲେ ମଧ ସୁଫଳ ମିଳୁନାହିଁ। ତେବେ ତୁରନ୍ତ କେନାଲରେ ପାଣି ଛାଡ଼ିବାକୁ ସେମାନେ ଦାବି କରିଛନ୍ତି।

## ପେଟ୍ରୋଲ ପମ୍ପ, ଗ୍ୟାସ ବିତରଣ କେନ୍ଦ୍ରରେ ଚଢ଼ାଉ

ଫୁଲବାଣୀ(ରାକେଶ କୁମାର ରାଉତ): ଯୋଗାଣ ବିଭାଗ ପକ୍ଷରୁ ପେଟ୍ରୋଲ ପମ୍ପ, ଗ୍ୟାସ ବିତରଣ କେନ୍ଦ୍ରରେ ବୁଧବାର ଚଢ଼ାଉ କରାଯାଇଛି। ମହାଲକ୍ଷ୍ମୀ ପେଟ୍ରୋଲ ପମ୍ପର ଡିଜେଲ ନିର୍ଗତ ପାଇପରେ ତ୍ରୁଟି ଥିବା ପରିଲକ୍ଷିତ ହେବାରୁ ଏହାର ନୋଜଲକୁ ସିଜ୍ କରାଯାଇଛି। ଏହାପରେ ବିନାୟକ ଇଣ୍ଡେନ ଗ୍ୟାସ ବିତରଣ କେନ୍ଦ୍ରରେ ଚଢ଼ାଉ କରାଯାଇଥିଲା । ସେଠାରୁ ୮ଟି ଗ୍ୟାସ ସିଲିଣ୍ଡର ଜବତ କରାଯାଇଛି । ଚଢ଼ାଉରେ ଅତିରିକ୍ତ ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ରୀୟ ମିଶ୍ର, ଯୋଗାଣ ନିରୀକ୍ଷକ ମଳୟ କୁମାର ମେହେର, କିରନ କୁମାର ବେହେରା, ସୁଶାନ୍ତ କୁମାର ଧଳ, ମାପ ଓ ଓଜନ ବିଭାଗର ବିକାଶ ଚନ୍ଦ୍ର ସାହୁ ସାମିଲ ହୋଇଥିଲେ ।



### ସଂକ୍ଷେପରେ

## ଆଦର୍ଶ ଶିକ୍ଷକଙ୍କ ପରଲୋକ



ତୁମୁଡିବନ୍ଧ,୫।୭ (ଦୀପକ ପରାସେଠ) କନ୍ଧମାଳ ଜିଲାର ଆଦର୍ଶ ଶିକ୍ଷକ, ଶିକ୍ଷା କ୍ଷେତ୍ରରେ ବିପ୍ଳବ ଆଣିଥିବା ତଥା ସମାଜସେବା କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀକାନ୍ତ କୁମାର ସାହୁ(୭୦)ଙ୍କ ତୁମୁଡ଼ିବନ୍ଧ ସ୍ଥିତ ବାସଭବନରେ ମଙ୍ଗଳବାର ଦେହାନ୍ତ ହୋଇଛି। ସ୍ଥାନୀୟ ଅଞ୍ଚଳର ଶତାଧିକ ଲୋକ, ଜନ ପ୍ରତିନିଧି, ପୂର୍ବତନ ବିଧାୟକ, ସ୍ଥାନୀୟ ବୁଦ୍ଧିଜୀବୀ ପ୍ରମୁଖ ଶେଷ ଦର୍ଶନ କରିବା ସହ ଶୋକ ସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇଥିଲେ। ଶେଷ ସମୟରେ ତାଙ୍କ ପାଖରେ ବଡପୁଅ ଅସିତ, ସାନ ପୁଅ ଅଜିତ, ବଡବୋହୂ ସୁଚିତ୍ରା, ସାନବୋହୂ ଶିବାନୀ ମହାନ୍ତି ଓ ଦୁଇ ନାତି ଉପସ୍ଥିତ ଥିଲେ।

## ନୂତନ ତହସିଲଦାରଙ୍କ ଯୋଗଦାନ



ବୁଗୁଡ଼ା,୫।୭(କାଳି ଚରଣ ଦାଶ): ବୁଗୁଡ଼ା ତହସିଲ କାର୍ଯ୍ୟାଳୟରେ ବୁଧବାର ନୂତନ ତହସିଲଦାର ଭାବେ ତାପସ ରାଉତ ଯୋଗ ଦେଇଛନ୍ତି। ପ୍ରାକ୍ତନ ତହସିଲଦାର ସଂଗ୍ରାମ କେଶରୀ ଜେନାଙ୍କ ଗତ ଜୁନ୍ ୮ ତାରିଖରେ ଭୁବନେଶ୍ୱର ରାଜସ୍ୱ ବିଭାଗ କାର୍ଯ୍ୟାଳୟକୁ ଅଚାନକ ବଦଳି ପରେ ସେହି ଦିନଠାରୁ ଏହି ପଦବୀ ଖାଲି ପଡିଥିଲା। ପୂର୍ବରୁ ରାୟଗଡା ତହସିଲଦାର ଭାବେ କାର୍ଯ୍ୟ କରୁଥିବା ତାପସ ରାଉତ ବଦଳି ହୋଇ ବୁଗୁଡ଼ା ତହସିଲଦାର ଭାବେ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ତହସିଲ କାର୍ଯ୍ୟାଳୟ କର୍ମଚାରୀବୃନ୍ଦ ଏବଂ ଓକିଲମାନେ ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ଜଣାଇଥିଲେ। ବୁଗୁଡା ତହସିଲ ଅଞ୍ଚଳର ଜନସାଧାରଣଙ୍କୁ ଉତ୍ତମ ରାଜସ୍ୱ ସେବା ଯୋଗାଇ ଦେବା ନିମନ୍ତେ ସେ ଉଦ୍ୟମ କରିବେ ବୋଲି କହିଛନ୍ତି।

## ବ୍ରାହ୍ମଣ ସମାଜ ବୈଠକ

ଆସିକା,୫।୭(ସୁରେନ୍ଦ୍ରନାଥ ସାହୁ): ଆସିକା ଏନ୍ଏସି ତାଲୁକାଛକସ୍ଥିତ ବାଲୁଙ୍କେଶ୍ୱର ମନ୍ଦିର ପ୍ରାଙ୍ଗଣରେ ରବିବାର ଋଷିକୂଲ୍ୟା ବ୍ରାହ୍ମଣ ସମାଜର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ପାରଳାଖେମୁଣ୍ଡି ସଂସ୍କୃତ ମହାବିଦ୍ୟାଳୟର ଅଧକ୍ଷ ପଣ୍ଡିତ ସୁଦର୍ଶନ ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜସ୍ଥାନ ଜୟପୁରର କର୍ମକାଣ୍ଡ ବିଶାରଦ ପଣ୍ଡିତ ଉମେଶ ଚନ୍ଦ୍ର ଦାଶ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ । ଏହି ଅବସରରେ ବ୍ରାହ୍ମଣ ମହାସଂଘର ସାଂଗଠନିକ ଅଭିବୃଦ୍ଧି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଗତ ଫେବୃଆରୀରେ ଅନୁଷ୍ଠିତ ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ କାର୍ଯ୍ୟକ୍ରମର ସୁଚାରୁ ପରିଚାଳନା ଲାଗି ମୁଖ୍ୟ ଆଚାର୍ଯ୍ୟ ପଣ୍ଡିତ ରାମେଶ୍ୱର ଶତପଥୀ, ଆଚାର୍ଯ୍ୟ ରତ୍ନାକର ଦାଶ, ପଣ୍ଡିତ ସନାତନ ପଣ୍ଡା, ପଣ୍ଡିତ ନିଳାଞ୍ଚଳ ତ୍ରିପାଠୀ, ପଣ୍ଡିତ ପ୍ରମୋଦ କୁମାର ତ୍ରିପାଠୀ ଓ ପଣ୍ଡିତ ଗଙ୍ଗାଧର ଶତପଥୀଙ୍କୁ ପୁଷ୍ପଗୁଚ୍ଛ, ଉପଢ଼ୌକନ ଓ ପ୍ରଶସ୍ତିପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ପ୍ରତାପ ମିଶ୍ର, ସୁବାଶିସ ମିଶ୍ର, ହୃଷିକେଶ ସାହୁ, ଦଣ୍ଡପାଣି ପ୍ରହରାଜ, ପ୍ରଦୀପ ଶତପଥୀ, ଛବିଳରାମ ମିଶ୍ର, ଅକ୍ଷୟ କୁମାର ତ୍ରିପାଠୀଙ୍କ ସମେତ ସଂଘର ବହୁ ସଦସ୍ୟ କାର୍ଯ୍ୟକ୍ରମରେ ସାମିଲ ଥିଲେ ।

## ପାଲୁର ପ୍ରାଥମିକ ବିଦ୍ୟାଳୟରେ ବନମହୋତ୍ସବ

ରମ୍ଭା,୫।୭(ବନବାସୀ ସେଠୀ)- ଗଞ୍ଜାମ ବ୍ଲକ ଅନ୍ତର୍ଗତ ରାମଗଡ଼ ପଞ୍ଚାୟତ ଅଧୀନସ୍ଥ ପାଲୁର ପ୍ରାଥମିକ ବିଦ୍ୟାଳୟରେ ରମ୍ଭା ବନ୍ୟପ୍ରାଣୀ ଓ ବନାଞ୍ଚଳ ପକ୍ଷରୁ ବନମହୋତ୍ସବ ସପ୍ତାହ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାଗିରଥି ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ବାଲୁଗାଁର ସହକାରୀ ବନ ସଂରକ୍ଷକ ପ୍ରମୋଦ କୁମାର ସେଠୀ, ସମ୍ମାନିତ ଅତିଥି ଭାବେ ଏବିଇଓ ବିଜୟ ଚନ୍ଦ୍ର ବେହେରା, ସିଆରସିସି ଦେବହରି ବେହେରା, ପାଲୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାମକୃଷ୍ଣ ବେହେରା, ମୁଖ୍ୟବକ୍ତା ଭାବେ ରମ୍ଭା ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ନରସିଂହ ବେହେରା, ନିମନ୍ତ୍ରିତ ଅତିଥି ଭାବେ ରମ୍ଭା ବିଟ୍‌ର ବନପାଳ ଗୌରାଙ୍ଗ ପ୍ରଧାନ, ପିଟିଶାଳ ବିଟ୍‌ର ବନପାଳ ରଶ୍ମି ରଞ୍ଜନ ନାୟକ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ପ୍ରକୃତିବନ୍ଧୁ ଶିକ୍ଷକ ଶେଷଦେବ ବେହେରା ପରିଚାଳନା କରିଥିଲେ। ଶିକ୍ଷକ ବିଜୟ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ୧୨ ଠିକାଦାରଙ୍କୁ କାରଣ ଦର୍ଶାଅ ନୋଟିସ

### ପ୍ରଧାନମନ୍ତ୍ରୀ ସଡ଼କ ନିର୍ମାଣରେ ବିଳମ୍ବ

ଛତ୍ରପୁର,୫।୭(ସନ୍ତୋଷ ପାଢ଼ୀ)

ଗଞ୍ଜାମ ଜିଲାରେ ପିଏମଜିଏସୱାଇ (ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା)ରେ ରାସ୍ତା ନିର୍ମାଣ ଅହେତୁକ ବିଳମ୍ବ ହେଉଥିବା ଦେଖିବାକୁ ମିଳୁଛି । କେଉଁଠି ରାସ୍ତା ନିର୍ମାଣ ଅଧପନ୍ତରିଆ ପଡିଛି ତ ଆଉ କେଉଁଠି ରାସ୍ତା କାମ ଅଧାରୁ ବନ୍ଦ ରହିଛି । ଏପରିକି କେତେକ ରାସ୍ତା ନିର୍ମାଣ କାର୍ଯ୍ୟର ଅବଧି ସରିଯାଇଥିଲେ ହେଁ କାମ ସରିନି। ବାରମ୍ବାର ଉକ୍ତ ରାସ୍ତାଗୁଡିକର ନିର୍ମାଣ ଦାୟିତ୍ୱରେ ଥିବା ଠିକାଦାରମାନଙ୍କୁ ଗ୍ରାମ୍ୟ ଉନ୍ନୟନ ଡିଭିଜନ ଗଞ୍ଜାମ-୨ ପକ୍ଷରୁ କାରଣ ଦର୍ଶାଅ ନୋଟିସ୍ ପଠାଯାଉଛି। ମାତ୍ର ସ୍ଥିତିରେ ସୁଧାର ଆସୁନଥିବା ଜଣାପଡିଛି। କେବଳ ବିଭାଗ ପକ୍ଷରୁ ନୋଟିସ ଦେଇ ନୀରବଦ୍ରଷ୍ଟା ସାଜିଥିବା ବେଳେ କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଠିକାଦାରମାନଙ୍କ ଉପରେ ହେଉନଥିବା ଜଣାଯାଇଛି । ପିଏମଜିଏସୱାଇ ରାସ୍ତା ନିର୍ମାଣ ବିଳମ୍ବ, କାମରୁ ଅଧା ବନ୍ଦ ଏବଂ ନିର୍ମାଣ କାର୍ଯ୍ୟ ଅବଧି ସରିବା ପରେ ମଧ୍ୟ ରାସ୍ତା ନିର୍ମାଣ କାର୍ଯ୍ୟ ସରିନଥିବା ଆଦି ନେଇ ୧୨ ଜଣ ଠିକାଦାରଙ୍କୁ ଚୂଡାନ୍ତ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି । ବ୍ରହ୍ମପୁରସ୍ଥିତ ଗ୍ରାମ୍ୟ ଉନ୍ନୟନ ଡିଭିଜନ ଗଞ୍ଜାମ-୨ର ଅଧୀକ୍ଷଣ ଯନ୍ତ୍ରୀ ଏହି ନୋଟିସ୍ ଏସବିଡି କ୍ଲଜ୍ ୫୨.୨ (ଏ ଓ ଏଚ୍) ଆଧାରରେ ଜାରି କରିଛନ୍ତି । କାହିଁକି ଚୁକ୍ତି ବାତିଲ କରା ନ ଯିବ ଏବଂ କ୍ଷତିଭରଣା ଆଦାୟ କରାନଯିବ ସେ ଉପରେ ୭ ଦିନ ମଧ୍ୟରେ ଏହି ନୋଟିସ୍‌ର ଉତ୍ତର ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

ମିଳିଥିବା ସୂଚନା ଅନୁସାରେ, କରାତଳି-ବ୍ରାହ୍ମଣିଆପଲ୍ଲୀ ରାସ୍ତା ଭାୟା ଶ୍ରୀରାମପୁର ରାସ୍ତା ନିର୍ମାଣ କାର୍ଯ୍ୟର ଅବଧି ୨୦୨୨ ସେପ୍ଟେମ୍ବର ମାସରୁ ସରିଥିବାବେଳେ ଏବେ ସୁଦ୍ଧା ମାତ୍ର ୩୪.୨୧ ପ୍ରତିଶତ କାମ ସରିଛି । ସେହିପରି ଏନଏଚ-୫ ରୁ ଖରିଡା ଭାୟା ପି.ରାମଚନ୍ଦ୍ରପୁର ରାସ୍ତା ନିର୍ମାଣ କାର୍ଯ୍ୟର ଅବଧି ସରିଥିବାବେଳେ ଏବେସୁଦ୍ଧା ୩୭.୨୩ ପ୍ରତିଶତ କାମ ସରିଛି। ଡିକିଲି ଭାୟା ନୂଆଗଡପେଣ୍ଠ ବାରିତଳ-ଖମାରିଗାଁ ରାସ୍ତା କାମ ଏଯାବତ ୧୮.୮୬ ପ୍ରତିଶତ, ଚିକିଟି ବ୍ଲକ ବର୍ଡର ଭାୟା ପାନହମା ରଣ୍ଡା-ଗୋଳନ୍ଥରା-ମନ୍ତ୍ରୀଡି-ବିଶ୍ୱନାଥପୁର ରାସ୍ତା ନିର୍ମାଣ କାର୍ଯ୍ୟର ଅବଧି ସରିବାର ବର୍ଷେ ପରେ ମଧ୍ୟ ୮୪.୨୨ ପ୍ରତିଶତ କାମ ସରିଛି । ପିଡବ୍ଲୁଡି ରାସ୍ତା-ସାନଗୋପାଳପୁର ଭାୟା ଲାଉପୁଟୁ ୫୬.୩୦ ପ୍ରତିଶତ, ମହୁରିକଣା-ଖରିଡା ଛକ ଭାୟା ସେମେନପୁର ଛକ ରାସ୍ତା ୯୧.୬୧ ପ୍ରତିଶତ, ରଙ୍ଗୁଣିପଲ୍ଲୀ-ନୟାଗଡ ରାସ୍ତା ୫୧.୪୫ ପ୍ରତିଶତ, ସିକିରି-ନନ୍ଦିକ ଭାୟା ରାଳବ ରାସ୍ତା କାମ ୬୧.୭୮ ପ୍ରତିଶତ, ଜକର ରାସ୍ତା-ବିରିବାଟିଆ ଭାୟା ମାଣିକପୁର-ଆମ୍ବପୁର ରାସ୍ତା କାମ ୨୧.୮୪ ପ୍ରତିଶତ ସରିଛି । ଶେରଗଡ-କୋରଡକଣା ଭାୟା ବରସିଙ୍ଗି-ଲାଉଗଡ ରାସ୍ତା କାମ ମାର୍ଚ୍ଚ ୨୩ରୁ ବନ୍ଦ ଥିବାବେଳେ ୪୨.୬୨ ପ୍ରତିଶତ, କୋଳଥିଗାଁ-କୁକୁଡାଖଣ୍ଡି ଭାୟା ଆମ୍ବପୁର ରାସ୍ତା କାମ ମେ' ୨୦ରୁ ବନ୍ଦ ରହିଥିବା ବେଳେ ୧୬.୨୩ ପ୍ରତିଶତ ଏବଂ ବାଘଲା ବ୍ଲକ ପାଚେରୀ-ବାଳକୃଷ୍ଣପୁର ପିଡବ୍ଲୁ ରୋଡ୍ ଭାୟା ମହାନାଦପୁର-ସିଙ୍ଗିପୁର-ବଡଲଗାଁ-ଭାଗିରଥିପୁର ରାସ୍ତା କାମ ମାର୍ଚ୍ଚ ୨୪ରୁ ବନ୍ଦ ରହିଥିବାବେଳେ ୬୩.୧୪ ପ୍ରତିଶତ କାମ ସରିଛି।

## ଆଖଣ୍ଡଳମଣି ବୋଲବମ କମିଟିର ବ୍ୟାପକ ପ୍ରସ୍ତୁତି

ଗଞ୍ଜାମ,୫।୭(ବିଦ୍ୟାଧର ସାହୁ)

ଶ୍ରାବଣ ମାସରେ ଶୈବ ପୀଠଗୁଡ଼ିକରେ ମାନସିକଧାରୀମାନେ ଜଳାଭିଷେକ କରିଥାନ୍ତି। ଗଞ୍ଜାମ ଜିଲାରେ ପ୍ରବାହିତ ପୁଣ୍ୟତୋୟା ଋଷିକୁଲ୍ୟା ନଦୀରୁ ମାନସିକଧାରୀ ପାଣି ଉଠାଇ ଶିବ ମନ୍ଦିର ଯାଇଛନ୍ତି। ଗଞ୍ଜାମ ଏନଏସି ଅନ୍ତର୍ଗତ ଦାମୋଦରପୁର ବାବା ଆଖଣ୍ଡଳମଣି ବୋଲବମ କମିଟି ପକ୍ଷରୁ ମନ୍ଦିର ନିକଟରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ଏଠାକୁ ଆସୁଥିବା ବୋଲବମ ଭକ୍ତଙ୍କ ସୁବ୍ୟବସ୍ଥା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଧନୁର୍ଦ୍ଧର ବେହେରା, ମନୋଜ କୁମାର ବେହେରା, ସୋମନାଥ ରେଡି, ଅକ୍ଳାନ୍ତ ବେହେରା, ଶିବରାମ ବେହେରା, ସୁରେନ୍ଦ୍ର କୁମାର ବେହେରା, ୱାଇ. ମନୋଜ ରେଡି ପ୍ରମୁଖଙ୍କ ସହ ଅନ୍ୟମାନେ ପ୍ରସ୍ତୁତିର ଦାୟିତ୍ୱ ନେଇଛନ୍ତି।

# ବିଦ୍ୟୁତ୍ ସଂଯୋଗ ଦାବିରେ ଗ୍ରାମବାସୀଙ୍କ ବିକ୍ଷୋଭ

ଦିଗପହଣ୍ଡି,୫।୭(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ଭ୍ରମରପୁର ପଞ୍ଚାୟତ ରୁବ ସାହିକୁ ତୁରନ୍ତ ବିଦ୍ୟୁତ ସଂଯୋଗ ଦାବିରେ ଗ୍ରାମବାସୀଙ୍କ ପକ୍ଷରୁ ବୁଧବାର ଦିଗପହଣ୍ଡି ବିଦ୍ୟୁତ୍ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ପରେ ଭାଜପା ନେତା ଇଂ. ଉତ୍ତମ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ଗ୍ରାମବାସୀ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଇଂ. ବିଶ୍ୱ ନାରାୟଣ ରାଉତଙ୍କୁ ସାକ୍ଷାତ କରି ଦସ୍ତଖତ ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିଥିଲେ । ଆଦିବାସୀ ବହୁଳ ରୁବ ସାହି ଗ୍ରାମରେ ୧୬ ପରିବାର ବସବାସ କରି ଆସୁଛନ୍ତି। ବିଦ୍ୟୁତ୍ ସଂଯୋଗରୁ ବଞ୍ଚିତ ଗ୍ରାମବାସୀ ଅନ୍ଧକାରରେ ଜୀବନ ବିତାଉଛନ୍ତି । ଏନେଇ ଗ୍ରାମବାସୀ ପୂର୍ବରୁ ସ୍ଥାନୀୟ ସରପଞ୍ଚ , ଜିଲା ପ୍ରଶାସନ ଓ ବିଦ୍ୟୁତ୍ କାର୍ଯ୍ୟାଳୟରେ ଗୁହାରି କରି ଆସୁଥିଲେ ମଧ ସେମାନଙ୍କୁ କୌଣସି ସୁଫଳ ମିଳିନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମକୁ ବିଦ୍ୟୁତ ସଂଯୋଗ ଦାବିରେ ଗତ ଜୁନ ୧୨ ତାରିଖରେ ଗ୍ରାମବାସୀ ମାନେ ଦିଗପହଣ୍ଡି ବିଦ୍ୟୁତ କାଯର୍ଯ୍ୟାଳୟ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଓ ଦିଗପହଣ୍ଡି ବିଡିଓଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ବିଦ୍ୟୁତ କାର୍ଯ୍ୟାଳୟ ପକ୍ଷରୁ କୌଣସି ଦ୍ରୁତ ପଦକ୍ଷେପ ନିଆଯାଇନଥିବାରୁ ବୁଧବାର ପୁଣିଥରେ ସମସ୍ତ ଗ୍ରାମବାସୀ ଏକତ୍ରିତ ହୋଇ ବିଦ୍ୟୁତ କାର୍ଯ୍ୟାଳୟ ପରିସରରେ ପହଞ୍ଚି ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ। ଏ ନେଇ ନିର୍ବାହୀ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାରେ ରୁବସାହି ଗ୍ରାମକୁ ବିଦ୍ୟୁତ ସଂଯୋଗ ନିମନ୍ତେ ସମସ୍ତ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚି ସାରିଛି। କେବଳ ଟେଷ୍ଟିଂ ବାକି ଅଛି। ଆଗାମୀ ୭ ଦିନ ମଧ୍ୟରେ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ କରାଯିବ ବୋଲି କହିଛନ୍ତି। ସେହିପରି ବାଲିବାଡ ଗ୍ରାମରେ ଷ୍ଟ୍ରିଟ୍ ଲାଇଟ୍ ରହିଥିଲେ ମଧ ଦୀର୍ଘ ଦିନ ଧରି ଅଚଳ ଅବସ୍ଥାରେ ରହିଛି ଯାହାର ମରାମତି ସକାଶେ ଏବଂ ମନ୍ଦିର ପରିସରରେ ନୂତନ ନଳକୂପ ଖନନ ଏବଂ ରୋଷେଇ ଶାଳ ତିଆରି କରିବା ଉଦ୍ଦେଶ୍ୟରେ ଗ୍ରାମବାସୀ ବିଡିଓ ଡ଼. ଚିତ୍ତ ରଞ୍ଜନ ଦାସଙ୍କୁ ସାକ୍ଷାତ କରି ସମସ୍ୟା ଉପରେ ଅବଗତ କରାଇବା ସହ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହି ସମୟରେ ଗ୍ରାମବାସୀ ସମେତ ଭାଜପା କାର୍ଯ୍ୟକର୍ତ୍ତା ରଘୁନାଥ ସାମନ୍ତରାୟ, ଅନିଲ ମିଶ୍ର, ଅଭିମନ୍ୟୁ ସେଠୀ, କାହ୍ନା ରେଢ୍ଢୀ, ଖଲି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ବିଦ୍ୟୁତ୍ ନିର୍ବାହୀ ଯନ୍ତ୍ରୀଙ୍କ ସହ ଆଲୋଚନା।

# ଲଣ୍ଡା ପାହାଡ଼ର ପୁନରୁଦ୍ଧାର

ଦାରିଙ୍ଗବାଡି,୫।୭(ଅରୁଣ ସାହୁ)

ଦାରିଙ୍ଗବାଡି ଅଞ୍ଚଳରେ ଚାଷ ଜମି ଓ ଗୃହ ନିର୍ମାଣ ପାଇଁ ଅନେକ ସମୟରେ ଲୋକେ ଜଙ୍ଗଲକାଟି ସଫା କରିଦେଉଛନ୍ତି। ସେହିପରି ପୋଡୁ ଚାଷ ପାଇଁ ପାହାଡ଼କୁ ଲଣ୍ଡା କରି ଦିଆଯାଉଛି। ଫଳରେ ଅଞ୍ଚଳରେ ତାପମାତ୍ରାରେ ଅନିୟମିତତା ରହୁଛି। ଏଥିରୁ ରକ୍ଷା ପାଇବା ପାଇଁ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଉଜୁଡିଯାଇଥିବା ଜଙ୍ଗଲକୁ ପୁନରୁଦ୍ଧାର କରାଯିବା ସହ ପୁଣି ସେଠାରେ ଚାରା ରୋପଣ କାର୍ଯ୍ୟ କରାଯାଉଛି ଏଥିପାଇଁ ଦାରିଙ୍ଗବାଡି ବନାଞ୍ଚଳରେ ୬ ଲକ୍ଷ ଚାରାରୋପଣ କାର୍ଯ୍ୟ ହାତକୁ ନିଆଯାଇଛି। ମଙ୍ଗଳବାର ପ୍ଲିହେରି ପଞ୍ଚାୟତ ମୁକଚେରି ପାହାଡ଼ରେ ପ୍ରାୟ ୮ ଏକର ଜମିରେ ଚାରା ରୋପଣ କାର୍ଯ୍ୟ କରାଯାଇଛି। ଲୋକେ ଜଙ୍ଗଲକୁ ନଷ୍ଟ ନକରି କିଭଳି ସେଥିରୁ ରୋଜଗାର ପାଇବେ ଲୋକଙ୍କୁ ଫାଇଦା ମିଳିବ ସେଥିପାଇଁ ବନାଞ୍ଚଳ ପକ୍ଷରୁ ଅଧିକା ଫଳ ଗଛ ରୋପଣ କରାଯାଉଛି। ଏହା ଦ୍ୱାରା ଲୋକେ ଜଙ୍ଗଲଜାତ ଦ୍ରବ୍ୟ ଫଳ ଆଦି ବିକ୍ରି କରି ପରିବାର ଗୁଜୁରାଣ ମେଣ୍ଟାଇପାରିବେ ବୋଲି ଏସ୍‌ସିଏଫ ସତୀଶ କୁମାର ଧାରୁଆ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏସସିଏଫ ସତୀଶ କୁମାର ଧାରୁଆ ସ୍ଥାନୀୟ ସରପଞ୍ଚ ପାଉଲ ପ୍ରଧାନ ଯୋଗ ଦେଇଥିବା ବେଳେ ଏହାର ପରିଚାଳନା ସ୍ଥାନୀୟ ବନପାଳ ପ୍ରସନ୍ନ କୁମାର ପାତ୍ର, ରବିମୋହନ ନାୟକ ଓ ଅନ୍ୟ କର୍ମଚାରି ମିଳିତ କରିଥିଲେ। ମୁକଚେରି ବିଦ୍ୟାଳୟର ଶିକ୍ଷକ ମୋହନ ସାହୁ, ବିଦ୍ୟାଳୟର ଛାତ୍ରୀଛାତ୍ର, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଉପସ୍ଥିତ ରହି ଚାରାରୋପଣ କରିଥିଲେ।

# ତୁମୁଡିବନ୍ଧ ଅଧକ୍ଷା, ଉପାଧକ୍ଷଙ୍କ ବିଲାମାଳ ଗସ୍ତ

ତୁମୁଡିବନ୍ଧ,୫।୭(ଦିପକ କୁମାର ପରା ସେଠ)

ତୁମୁଡିବନ୍ଧ ବ୍ଲକ ବିଡିଓ, ଅଧକ୍ଷା ଓ ଉପାଧକ୍ଷ ବୁଧବାର ବିଲାମାଳ ପଞ୍ଚାୟତ ଗସ୍ତକରି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଦେଖିଥିବା ଜଣାପଡ଼ିଛି। ପ୍ରଥମେ ସେମାନେ ବିଲା ଏହା ପରେ ବିଲା ମାଲମାଳ ପଞ୍ଚାୟତରେ ପହଞ୍ଚି ପିଡବ୍ଲୁଡି ରାସ୍ତା ଠାରୁ ବଡ଼ କ୍ରଞ୍ଜି କଣା ରାସ୍ତାର ପୋଲ ନିର୍ମାଣ କାର୍ଯ୍ୟ ଦେଖିଥିଲେ। ପରେ ଭଗା ମୁଣ୍ଡା ଆଡ଼ି ବନ୍ଧ ପ୍ରକଳ୍ପ କରିବା ପାଇଁ ଦେଖିଥିଲେ। ଭଗା ମୁଣ୍ଡା ଆଡ଼ି ବନ୍ଧ ପ୍ରକଳ୍ପ କରାଗଲେ ଜଳସେଚନର ସୁବିଧା ହୋଇ ବିଲା ମାଳ ଗ୍ରାମର ଚାଷୀ ବହୁତ ଉପକୃତ ହେବେ। ବିଲା ମାଳର ଅମୃତ ସରବର ବନ୍ଧ ଗୋଷ୍ଠୀ ଶୌଚାଳୟ, ମିଶନ ଶକ୍ତି ଗୃହ, ସୁବିଧା କେନ୍ଦ୍ର ଓ ବିଲା ମାଳ ଓଡ଼ିଆ ସାହି ବୁଲି ଦେଖିଥିଲେ। ଏହା ପରେ ତଳ ମୁଣ୍ଡା ଆଡ଼ି ବନ୍ଧ, ମୁଣ୍ଡି ମାସ୍କା ନାଳ ଠାରେ ଚାଲୁରହିଥିବା ଆଡ଼ି ବନ୍ଧ, ଆର ଡି ରାସ୍ତା ଠାରୁ ପସକଡୀ ଗ୍ରାମକୁ ସଂଯୋଗ କରୁଥିବା ନୂତନ ରାସ୍ତା ନିର୍ମାଣ କରିବା ପାଇଁ ଦେଖିଥିଲେ। ଏହା ପରେ ଧରଣୀ ମାସ୍କା ଓ ଧୂମା ମାସ୍କା ସ୍କୁଲ ପରିଦର୍ଶନ କରିଥିଲେ।

## ମାତିଛନ୍ତି ବାଇକ୍ ଲୁଟେରା, ଶଙ୍କାରେ ସହରବାସୀ

ବୁଗୁଡ଼ା,୫।୭(କାଳି ଚରଣ ଦାଶ)

ବୁଗୁଡ଼ା ସହରରେ ଗତ ଦୁଇ ଦିନ ମଧ୍ୟରେ ଦୁଇଟି ବାଇକ୍ ଚୋରି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। କିଛି ଦିନର ନିରବତା ପରେ ପୁଣି ବାଇକ୍ ଚୋରଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇଥିବା ନେଇ ଆଲୋଚନା ଜୋର ଧରିଛି। ଗତ ୩ ତାରିଖ ରାତିରେ କଲେଜ ରୋଡସ୍ଥିତ ସୁଶାନ୍ତ କୁମାର ମହାରଣାଙ୍କ ବାସଭବନ ବାରଣ୍ଡାରୁ ତାଙ୍କର ହିରୋ ଗ୍ଲାମର ବାଇକ୍ (ନଂ ଓଡି ୩୨ ବି – ୧୨୦୭)କୁ ଦୁର୍ବୃତ୍ତ ଚୋରି କରି ନେଇଯାଇଥିଲେ। ସେହିପରି ୪ ତାରିଖ ରାତିରେ ବୁଗୁଡ଼ା ଷ୍ଟେଟ ବ୍ୟାଙ୍କ ଛକ ନିକଟ ମୁଖ୍ୟରାସ୍ତା କଡସ୍ଥ ମନୋରଞ୍ଜନ ପାତ୍ରଙ୍କ ବାସଭବନ ପିଣ୍ଡାରେ ଥିବା ତାଙ୍କର ୟାମା ବାଇକ୍ (ନଂ- ଓଡି ୦୭ ୱାଇ – ୯୧୧୯)କୁ କେହି ଦୁର୍ବୃତ୍ତ ଚୋରି କରି ନେଇଯାଇଛି। ଏ ନେଇ ଉଭୟ ପକ୍ଷରୁ ବୁଗୁଡ଼ା ଥାନାରେ ଅଭିଯୋଗ ହୋଇଥିବା ବେଳେ ପୋଲିସ ଅନୁସନ୍ଧାନ ଜାରି ରଖିଥିବା ଜଣାଯାଇଛି। ତେବେ ସହର ସାରା ସିସି ଟିଭି କ୍ୟାମେରା ଖଞ୍ଜା ଯାଇଥିଲେ ହେଁ ଦୁର୍ବୃତ୍ତଙ୍କ କାରନାମା ପୋଲିସ ପାଇଁ ଚ୍ୟାଲେଞ୍ଜ ହୋଇଥିବା ବେଳେ ସହରବାସୀଙ୍କ ମନରେ ସଂଶୟ ସୃଷ୍ଟି ହୋଇଛି।

# ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇଲେ ହିତାଧିକାରୀ

### ଆବାସ ଯୋଜନାରୁ ଯୋଗ୍ୟଙ୍କ ନାମ କଟିଲା

ମୋହନା,୫।୭(ମନ୍ମଥ ମିଶ୍ର)

ଗଜପତି ଜିଲା ମୋହନା ବ୍ଲକ ମେରାପଲି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଆବାସ ଯୋଜନାରୁ ବାଦ୍ ପଡ଼ିଥିବା ହିତାଧିକାରୀମାନେ ତାଲା ପକାଇଛନ୍ତି। ପୂର୍ବରୁ ପଞ୍ଚାୟତର ୨୨୯ ଜଣଙ୍କ ନାମ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ପାଇବା ପାଇଁ ତାଲିକାରେ ଥିଲା। ବ୍ଲକ ପ୍ରଶାସନ ତରଫରୁ ସମସ୍ତ ୨୨୯ ଜଣଙ୍କ ତାଲିକା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଲଗାଯାଇଥିଲା। ଯୋଗାଣ ସହାୟକଙ୍କ ମାଧ୍ୟମରେ ଘରକୁ ଘର ଯାଇ ଜିଓ ଟ୍ୟାଗ ମଧ୍ୟ କରାଯାଇଥିଲା। ଗରିବ ହିତାଧିକାରୀ ଘର ଖଣ୍ଡେ ପାଇଁ ପଞ୍ଚାୟତ ଠାରୁ ଆରମ୍ଭ କରି ବ୍ଲକ୍ ପ୍ରଶାସନ ପାଖରେ ବହୁ ଗୁହାରୀ ପରେ ତାଲିକାରେ ନାମ ଆସିଥିଲା। ତେଣୁ ସେମାନେ ଘର କାମ କରିବା ପାଇଁ ଧାର କରଜ କରି ବାଲି ପଥର ଆଣି ମହଜୁଦ ରଖିଥିଲେ। ହେଲେ ତାଲିକାରେ ଏବେ ୨୨୯ ଜଣଙ୍କ ବଦଳରେ ୧୯୪ ଜଣ ଥିବା ବେଳେ ୩୫ ଜଣଙ୍କ ନାମ କଟିଯାଇଛି। ଏହା ପ୍ରତିବାଦରେ ଲୋକେ ଉତ୍ୟକ୍ତ ହୋଇ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ଧାରଣାରେ ବସିଛନ୍ତି। ଏହାର ସମାଧାନ ନ ହେଲେ ତାଲା ନ ଖୋଲିବା ପାଇଁ ଚେତାବନୀ ଦେଇଛନ୍ତି ବାଦ ପଡିଥିବା ମହିଳା ହିତାଧିକାରୀ। ଯେଉଁ ଗରିବ ହିତାଧୀକାରୀଙ୍କ ନାମ କଟା ଯାଇଛି ପୁନର୍ବାର ଯାଞ୍ଚ କରି ତାଲିକାରେ ଅନ୍ତର୍ଭୁକ୍ତ କରିବାକୁ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ବ୍ଲକ୍ କାର୍ଯ୍ୟାଳୟରେ ତାଲା ପକାଇ ରାସ୍ତା ଅବରୋଧ କରାଯିବ ବୋଲି ଚେତାବନୀ ଦେଇଛନ୍ତି। କେବଳ ମୋହନା ବ୍ଲକ ନୁହେଁ, ଗୁଲୁବା, ଲିଙ୍ଗିଗଡ, ଡେଙ୍ଗେସଖାଲ, ଚାନ୍ଦିପୁଟ ଭଳି ପଞ୍ଚାୟତରେ ମଧ ଗରିବ ହିତାଧିକାରୀମାନେ ଆବାସ ଯୋଜନାରୁ ବଞ୍ଚିତ ହୋଇଛନ୍ତି। ପଞ୍ଚାୟତ ନିର୍ବାହୀ ଅଧିକାରୀ ତଦନ୍ତ କରି ନାମ କାଟି ଦେଇଥିବା ସରପଞ୍ଚମାନେ କହିଛନ୍ତି।

# ସାହିତ୍ୟିକ ନୃସିଂହାନନ୍ଦଙ୍କୁ ସମ୍ବର୍ଦ୍ଧନା



ଡ଼ଃ ମହାପାତ୍ରଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

ଫୁଲବାଣୀ, ୫।୭ (ରାକେଶ କୁମାର ରାଉତ) କନ୍ଧମାଳ ଜିଲାର ସାହିତ୍ୟିକ ଡ଼ଃ ନୃସିଂହାନନ୍ଦ ମହାପାତ୍ର ନିଖିଳ ଓଡ଼ିଶା ପ୍ରଗତିଶୀଳ ଲେଖକ ମହା ସଙ୍ଘ ତରଫରୁ ଚଳିତ ବର୍ଷ ପାଇଁ ଶ୍ରେଷ୍ଠ ଲେଖକ ବିବେଚିତ ହୋଇଛନ୍ତି। ଭୁବନେଶ୍ୱରର ଜୟଦେବ ଭବନ ପରିସରରେ ସଂଘର ୨୩ତମ ବାର୍ଷିକ ଉତ୍ସବ ଅବସରରେ ଆୟୋଜିତ ଏକ ଉତ୍ସବରେ ଓଡ଼ିଶାର ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ଡ଼ଃ ମହାପାତ୍ରଙ୍କୁ ପୁରସ୍କାର, ମାନପତ୍ର, ଉତ୍ତରୀୟ ଆଦି ପ୍ରଦାନ କରିଥିଲେ । ସାହିତ୍ୟିକ ପ୍ରଦୋଷ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶାର କାର୍ଯ୍ୟକାରୀ ବାଚସ୍ପତି ରଜନୀକାନ୍ତ ସିଂ, ଖଣି ଓ ଇସ୍ପାତ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମହାନ୍ତି, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡି, ବିଶିଷ୍ଟ ସାହିତ୍ୟିକ ପ୍ରସନ୍ନ କୁମାର ପାଟଶାଣୀ, ଆଇଏଏସ ମଧୁସୂଦନ ଦାଶ, ରାଜନେତା ସନ୍ତୋଷ କୁମାର ଜେନା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଡ଼ଃ ମହାପାତ୍ରଙ୍କ ଆଧ୍ୟାତ୍ମିକ ପୁସ୍ତକ 'ତତ୍ତ୍ୱ ବୋଧ ଓ ଆତ୍ମବୋଧ' ଲୋକାର୍ପିତ ହୋଇଥିଲା। ସୁଚନାଯୋଗ୍ୟ, ଡ଼ଃ ମହାପାତ୍ର ଫୁଲବାଣୀ ସରକାରୀ ଆଇଟିଆଇରେ ତାଲିମପ୍ରାପ୍ତ ଅଧିକାରୀ ଭାବେ ଦାୟିତ୍ୱ ତୁଲାଉଛନ୍ତି। ତାଙ୍କର ତେଇଶିରୁ ଊର୍ଦ୍ଧ୍ୱ ପୁସ୍ତକ ପ୍ରକାଶିତ ହୋଇ ସାରିଛି।

# ପ୍ରକାଶ ଚନ୍ଦ୍ର ପାତ୍ରଙ୍କୁ କବିସୂର୍ଯ୍ୟ ପ୍ରତିଭା ସମ୍ମାନ



ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଉଛି।

କବିସୂର୍ଯ୍ୟନଗର,୫।୭(କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗରର ପ୍ରତିଷ୍ଠିତ ସାହିତ୍ୟ ଅନୁଷ୍ଠାନ କବିସୂର୍ଯ୍ୟ ବଳଦେବ ସ୍ମୃତି ସଂସଦ ଦ୍ୱାରା ବାଲିପଦର କଲେଜ ବି. ପ୍ରକାଶ ଚନ୍ଦ୍ର ପାତ୍ରଙ୍କୁ 'କବିସୂର୍ଯ୍ୟ ପ୍ରତିଭା ସମ୍ମାନ'ରେ ସମ୍ମାନିତ କରାଯାଇଛି। ସଂସଦ ସଭାପତି ପ୍ରଫେସର କୈଳାସ ନାଥ ସ୍ୱାଇଁ, ଉପସଭାପତି ଇ. ମାହେଶ୍ୱରୀ ଦୋରା, ସମ୍ପାଦକ ଡ଼. ଗୋବିନ୍ଦ ପ୍ରସାଦ ରଥ, ଗୁରୁମୂର୍ତ୍ତି ଗୌଡ଼ ଉପସ୍ଥିତ ଥିଲେ। ଏହି ଅବସରରେ ପାତ୍ରଙ୍କୁ ମାନପତ୍ର, ଉପଢୌକନ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତ ଛାତ୍ରୀଛାତ୍ର, ଅଧାପିକା ଅଧାପକ ଉପସ୍ଥିତ ଥିଲେ।

# ସଫେଇ ହେଉନି କେନାଲ, ଚିନ୍ତାରେ ଚାଷୀକୁଳ

ପାରଳାଖେମୁଣ୍ଡି, ୫।୭(ଗିରିଧାରୀ ପରିଚ୍ଛା):

ଗୋଷାଣି ବ୍ଲକର ଜଳସେଚନ ବିଭାଗ ଅଧୀନରେ ଥିବା ସମସ୍ତ କେନାଲଗୁଡ଼ିକ ରକ୍ଷଣାବେକ୍ଷଣ ହୋଇନଥିବା ଦେଖିବାକୁ ମିଳୁଛି। ଏନେଇ ଚାଷୀକୁଳ ଚିନ୍ତାରେ ପଡିଯାଇଛନ୍ତି। ବର୍ତ୍ତମାନ ବର୍ଷା ଋତୁର ଆଗମନ ହୋଇସାରିଛି। ଜିଲାରେ ପ୍ରାକ ମୌସୁମୀ ଘନୀଭୂତ ହୋଇସାରିଛି। ଏପରିସ୍ଥଳେ ବହୁ ପୂର୍ବରୁ କେନାଲ ଗୁଡିକର ସଫେଇ ବା ରକ୍ଷଣାବେକ୍ଷଣ ହେବା କଥା। ହେଲେ ବିଭାଗୀୟ କର୍ତ୍ତୃପକ୍ଷ ନିରବଦ୍ରଷ୍ଟା ସାଜିଥିବାରୁ ଗୋଟିଏ ବି କେନାଲ ସଠିକ ଭାବେ ସମ୍ପୂର୍ଣ୍ଣ ହୋଇନି ବୋଲି ଚାଷୀମାନେ କହିଛନ୍ତି। କେନାଲଗୁଡିକ ଅନାବନା ଗଛରେ ପୋତି ହୋଇଯାଇଥିବା ଦେଖିବାକୁ ମିଳିଛି। ଏପରି ଅବସ୍ଥା ଯୋଗୁଁ ବର୍ଷା ଦିନେ କେନାଲଗୁଡିକରେ ଜଳ ନିଷ୍କାସନ ହୋଇପାରୁନି। ବର୍ଷାଦିନ ପୂର୍ବରୁ କେନାଲଗୁଡ଼ିକ ସଫେଇ ହେବା କଥା, ହେଲେ ଗୋଷାଣି ବ୍ଲକରେ ଏହା ପରିଲକ୍ଷିତ ହୋଇନାହିଁ। ବାର୍ଚ୍ଛିଣିପୁରରେ ଥିବା ମହେନ୍ଦ୍ରତନୟା ନଦୀରୁ ଆସୁଥିବା କେନାଲ ବ୍ଲକର ପ୍ରାୟ ୭୦୦ ହେକ୍ଟର ଚାଷ ଜମିକୁ ଜଳସେଚିତ କରିଥାଏ । ଏହି କେନାଲ ମଧୁସୂଦନପୁର, ଖର୍ଷଣ୍ଡା, ସାତମାଇଲ ଛକ, ବାଘଶଳା, ପାଟିକୋଟା, କତଲକଇଠା ଆଦି ପଞ୍ଚାୟତର ବିଭିନ୍ନ ଗ୍ରାମାଞ୍ଚଳ ଦେଇ ଗତି କରୁଛି । ଏହି ଅଞ୍ଚଳର ଚାଷୀମାନେ ଉଲ୍ଲିଖିତ କେନାଲ ପାଣି ଉପରେ ନିର୍ଭର କରିଥାନ୍ତି । ହେଲେ ବିଭାଗୀୟ ଅବହେଳା ଯୋଗୁଁ ପ୍ରତିବର୍ଷ ଜଳସେଚନ ବ୍ୟବସ୍ଥାକୁ ନେଇ ହୋହାଲ୍ଲା, ଆନ୍ଦୋଳନ ଆଦି ହେଉଥିବା ବହୁ ନଜିର ରହିଛି। ସେହିପରି କୃଷ୍ଣସାଗରର ରାଇଟ କେନାଲର ସାପରାଇଠାରେ ମୁଖ୍ୟ କେନାଲକୁ ସଂଯୋଗ କରୁଥିବା ହ୍ୟୁମପାଇପ ଏବଂ କେନାଲର କିଛି ସ୍ଥାନରେ ଘାଇ ସୃଷ୍ଟି ହୋଇଛି। ଏହାର ମରାମତି ମରାମତି ଆଳରେ କେତେକ ସ୍ଥାନରେ ପୁରୁଣା ଢାଞ୍ଚାକୁ ଭାଙ୍ଗି ମେଟାଲ ଗଦେଇ ଦିଆଯାଇଛି । ଫଳରେ ଏହି ରାଇଟ କେନାଲ ଆଉ କାମ କରିବା ପରିସ୍ଥିତିରେ ନାହିଁ ବୋଲି ଆଲୋଚନା ହେଉଛି । ଏହି ରାଇଟ କେନାଲ ଉପରେ ଆଡବା, ନରହରିପୁର, ଗୋଲାଗାଁ, ଗୁରାଣ୍ଡି ଆଦି ଅଞ୍ଚଳର ଚାଷୀମାନେ ନିର୍ଭର କରିଥାନ୍ତି । ଏପରି ପରିସ୍ଥିତିକୁ ଦେଖିଲେ ଆଉ କୃଷ୍ଣସାଗରରୁ ଜଳ ନେଇ ନ ପାରିବା ଭଳି ସ୍ଥିତି ଉପୁଜିଛି। ଏନେଇ ଚାଷୀନେତା ସୂର୍ଯ୍ୟନାରାୟଣ ପଟ୍ଟନାୟକ କହିଛନ୍ତି ଯେ, ପ୍ରତିବର୍ଷ ବିଭାଗ ଆଗୁଆ ପଦକ୍ଷେପ ନେଉ ନାହିଁ। ବର୍ଷା ଆରମ୍ଭ ହେଲେ ଏମାନେ କାର୍ଯ୍ୟ ଆରମ୍ଭ କରି ପୁଣି ବନ୍ଦ କରିଦେଉଛନ୍ତି। ଫଳରେ ବର୍ଷା ଦିନ ସରିଗଲେ ପାଣି ଆଉ ନ ରହିବା ସହ ଠିକ ଧାନ ଅମଳ ସମୟରେ ପାଣିର ଅଭାବ ଦେଖାଦେଉଛି। ପ୍ରତି ବର୍ଷ ଜିଲା ପ୍ରଶାସନଠାରୁ ଆରମ୍ଭ କରି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଯାଉଥିଲେ ମଧ୍ୟ ଫଳ ଶୂନ୍ୟ। ଆନ୍ଦୋଳନାତ୍ମକପନ୍ଥା ଅବଲମ୍ବନ କଲେ କେବଳ ପ୍ରତିଶ୍ରୁତି ଦିଆଯାଉଛି । ତେଣୁ ରାଜ୍ୟ ସରକାର ହସ୍ତକ୍ଷେପ କରିବା ଜରୁରୀ ବୋଲି ଚାଷୀମାନେ କହିଛନ୍ତି।



ଅନାବନା ଗଛରେ ପୋତି ହୋଇଯାଇଥିବା କେନାଲ।

# ଚାରାରୋପଣ ବନାମ ଗଛ କଟା

**ବନ ମହୋତ୍ସବ ସପ୍ତାହ ଶେଷ ପର୍ଯ୍ୟାୟରେ**

ପାରାଦୀପ,୫।୭ (ଶରତ ରାଉତ)





ପାରାଦୀପ କାଉଁରିଆ ନଦୀପଠାରେ ମହିଳାପୁରୁଷମାନେ ଚାରା ରୋପଣ କରୁଛନ୍ତି। ଷଣ୍ଢକୁଦ ନିକଟରେ ଥିବା ଫରେଷ୍ଟ ବିଟ୍‌ହାଉସ ପାଖରୁ ଗଛ କାଟି ନେଉଛନ୍ତି ଲୋକେ।

ଜଗତ୍‌ସିଂହପୁର ଜିଲା ପାରାଦୀପ ଅଞ୍ଚଳ ଦେଶର ସର୍ବାଧିକ ପ୍ରଦୂଷିତ ତାଲିକାରେ ଅଛି। ଦେଶର ଯେଉଁ ୮୮ ସହର ଅତ୍ୟଧିକ ପ୍ରଦୂଷଣ ତାଲିକା କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସାର୍ବଜନୀନ କରିଛି। ସେଥିରେ ଓଡ଼ିଶାର ୪ଟି ସ୍ଥାନ ଅଛି। ସେଗୁଡ଼ିକ ହେଲା ତାଳଚେର, ଝାରସୁଗୁଡ଼ା, ଇବ୍ ଭ୍ୟାଲି ଓ ପାରାଦୀପ। ପାରାଦୀପର ପ୍ରଦୂଷଣ ନିୟନ୍ତ୍ରଣ କରିବାକୁ ରାଜ୍ୟ ସରକାର ଏକ ଆଞ୍ଚଳିକ କାର୍ଯ୍ୟାଳୟ ୨୦୧୩ ନଭେମ୍ବରରୁ ଖୋଲିଛନ୍ତି। ବିଭିନ୍ନ ଶିଳ୍ପ ସଂସ୍ଥାର ପ୍ରଦୂଷଣ ନିୟନ୍ତ୍ରଣ କରିବାକୁ କେତେକ ସକାରାତ୍ମକ ପଦକ୍ଷେପ ନିଆଯାଇଛି। ସମାନ ଭାବେ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ କମ୍ପାନୀଗୁଡ଼ିକୁ ପର୍ଯ୍ୟାପ୍ତ ସବୁଜ ବଳୟ କରିବାକୁ ପରାମର୍ଶ ଦିଆଯାଉଛି। ଏହାବାଦ୍ କେତେଗୋଟି ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ନିରନ୍ତର ଚାରା ରୋପଣ, ଗ୍ରାମ୍ୟ ଜଙ୍ଗଲ ସୃଷ୍ଟି କରିବା ଭଳି କାମ କରୁଛନ୍ତି। ଏହାସତ୍ତ୍ୱେ ସବୁଜ ବଳୟ ବୃଦ୍ଧି ପାଇବା ପରିବର୍ତ୍ତେ ହ୍ରାସ ପାଇବାରେ ଲାଗିଛି ବୋଲି ଅଭିଯୋଗ ହୋଇଛି। କେତେଜଣ କାଠ ବେପାରୀ ଓ ଅନ୍ୟ ମୁଷ୍ଟିମେୟ ଲୋକ ଲଗାତର ଗଛ କାଟି ନେଉଛନ୍ତି ବୋଲି ଆଦର୍ଶ ପ୍ରୟାସ ନାମକ ସଙ୍ଗଠନ ଅଭିଯୋଗ କରିଛି। ସଙ୍ଗଠନ ସଭାପତି ଦେବକଲ୍ୟାଣ ମହାପାତ୍ର କୁଜଙ୍ଗ ବନାଞ୍ଚଳ ଅଧିକାରୀଙ୍କୁ ଦେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି, ତାଙ୍କ ସଙ୍ଗଠନ ପକ୍ଷରୁ ପ୍ରତିବର୍ଷ ଗ୍ରାମାଞ୍ଚଳ ଓ ନଦୀପଠାରେ କ୍ଷୁଦ୍ର ଜଙ୍ଗଲ ପାଇଁ କାମ କରୁଛନ୍ତି। ଏବେସୁଦ୍ଧା ୧୦ ରୁ ଅଧିକ ଜଙ୍ଗଲ କରି ସାରିଲେଣି। ଚଳିତବର୍ଷ ମଧ୍ୟ କୁଜଙ୍ଗ ବ୍ଲକ ଅଧୀନ ମହାନଦୀ ପଠାରେ ଚାରାରୋପଣ ଓ ସଂରକ୍ଷଣ ପାଇଁ କାମ ।ଚାଲିଛି। ୪ବର୍ଷ ତଳେ ବଡ଼ବାଲିକଣୀ ଗାଁ ଉପାନ୍ତରେ ଥିବା ଜାଗାରେ ଚାରା ରୋପଣ କରିଥିଲୁ। ସେହି ସ୍ଥାନରେ ଏବେ ବଡ଼ ଗଛ ହୋଇଛି। ସପ୍ତାହକ ମଧ୍ୟରେ ସେଥିରୁ ପ୍ରାୟ ୫୦ରୁ ଅଧିକ ଗଛ ଲୋକ କାଟି ନେଇଛନ୍ତି। ସମାନ ଭାବେ ବିଶ୍ୱାଳୀ ଗ୍ରାମର ସ୍ୱେଚ୍ଛାସେବୀ ସଙ୍ଗଠନ ବାବା ବାଲୁଙ୍କେଶ୍ୱର ବିକାଶ ପରିଷଦ ପକ୍ଷରୁ ୩ ଦଶନ୍ଧି ମଧ୍ୟରେ ଅନେକ ଗ୍ରାମ୍ୟ ଜଙ୍ଗଲ କରାଯାଇଛି। ସଙ୍ଗଠନ ମୁଖ୍ୟ ଇଂ. ଅମରେଶ ନରେଶ ସାମନ୍ତଙ୍କୁ ଏଥିପାଇଁ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ରାଜ୍ୟପାଳଙ୍କଠାରୁ ପୁରସ୍କାର ମିଳିଛି। ତାଙ୍କ ଗାଁ ପାଖରେ ୧୫ ବର୍ଷ ତଳେ ଲଗାଯାଇଥିବା ଗଛ ଏବେ ଆପଣାଛାଏ ମରିଯାଉଛି ବୋଲି ସାମନ୍ତ କୁହନ୍ତି। ଏଥିପାଇଁ ଅସ୍ୱାଭାବିକ ଜଳବାୟୁ ପରିବର୍ତ୍ତନ ଓ କମ୍ପାନୀର ରସାୟନ ନିର୍ଗମନ ଯୋଗୁ ଏମିତି ହୋଇ ଥାଇପାରେ ବୋଲି ସେ କୁହନ୍ତି। ସବୁଠାରୁ ଅଧିକ ଗଛ କଟାଯାଉଛି ବେଳାଭୂମି ଅଞ୍ଚଳରେ। ସେଠାରେ ବନ ବିଭାଗ ପକ୍ଷରୁ ପ୍ରତିବର୍ଷ ଝାଉଁ ଗଛ ଲଗାଯାଉଛି। ଗଛ ବଡ଼ ହେବା ମାତ୍ରେ ତାକୁ ସେଠାକାର କାଠ ବେପାରୀ କାଟି ତାକୁ ଫାଳକରି ଜାଳେଣି ଭାବେ ବିକ୍ରି କରୁଛନ୍ତି ବୋଲି ଆହ୍ୱାନ କମ୍ପାଇନ୍ସ ସମ୍ପାଦକ ପ୍ରଭାସ ଚନ୍ଦ୍ର ସ୍ୱାଇଁ ଅଭିଯୋଗ କରିଛନ୍ତି। ଏମିତି ସ୍ଥିତିରେ ଚଳିତ ମାସର ପ୍ରଥମ ସପ୍ତାହରେ ବନ ମହୋତ୍ସବ ପାଳନ କରାଯାଉଛି। ଏ ସମ୍ପର୍କରେ କୁଜଙ୍ଗ ବନାଞ୍ଚଳ ଅଧିକାରୀ ରଞ୍ଜନ କୁମାର ମିଶ୍ରଙ୍କୁ ପଚାରିବାରେ ଆମର ଷ୍ଟାଫ୍ କମ୍ ଯୋଗୁ ଠିକ୍ ଭାବେ ତଦାରଖ କରିପାରୁନାହୁଁ। ଚଳିତବର୍ଷ ଷଣ୍ଢକୁଦଠାରେ ନୂଆକରି ଏକ ବିଟ୍ ହାଉସ ହେବ ଏବଂ ଅଧିକ ଷ୍ଟାଫ ରହିଲା ପରେ ଯାଇ ପଦକ୍ଷେପ ନେଇପାରିବୁ।

## ବଡ଼ବାଲିକଣି ମହାନଦୀ ପଠା ଝାଉଁ ଜଙ୍ଗଲ ହେବ ଧ୍ୱଂସ

ରାହାମା, ୫।୭ (ଶ୍ରୀକାନ୍ତ ଦାସ)

କୁଜଙ୍ଗ ତହସିଲ ଉପକଣ୍ଠ ଧୋୟାଞ୍ଚଳ ଭାବେ ପରିଚିତ ବଡ଼ବାଲିକଣି ମହାନଦୀ ପଠା ଝାଉଁ ଜଙ୍ଗଲ ଏବେ ଧ୍ୱଂସ ହେବାକୁ ବସିଲାଣି। ବନ ବିଭାଗ ପକ୍ଷରୁ ଏଠାରେ ସୃଷ୍ଟି କରାଯାଇଥିବା ଝାଉଁ ଜଙ୍ଗଲ ଏବେ କାଠମାଫିଆଙ୍କ କବଳରେ ପଡ଼ିବାରୁ ଶ୍ରୀହୀନ ହେବାରେ ଲାଗିଛି। ଏହି ବିସ୍ତୀର୍ଣ୍ଣ ଅଞ୍ଚଳରେ ବ୍ୟାପକ ଚାରା ରୋପଣ କରାଯିବା ସହିତ ଏକ ବୃହତ୍ ଜଙ୍ଗଲ ସୃଷ୍ଟି ହୋଇ ଆସୁଥିଲା। ଧୀରେ ଧୀରେ ଏହି ଅଞ୍ଚଳ ପ୍ରତି ଚୋରା କାଠମାଫିଆଙ୍କ ଲୋଲୁପଦୃଷ୍ଟି ପଡ଼ିଛି। ସ୍ଥାନୀୟ ବନ ବିଭାଗର ଅପାରଗତାକୁ ନେଇ ଦିନରାତି କାଠ ମାଫିଆ ଗଛ କାଟି ନେଉଥିବା ଦେଖିବାକୁ ମିଳୁଛି। ଏ ନେଇ ବଡ଼ବାଲିକଣି ପଞ୍ଚାୟତ ଏବଂ ହସୁରା ପଞ୍ଚାୟତର ବୁଦ୍ଧିଜୀବୀ ରବିନାରାୟଣ ଦାସ, ଅକ୍ଷୟ ସୂତାର, ବିଜୟ ସାମନ୍ତରାୟ, କାଳନ୍ଦୀ ମଲ୍ଲିକ ପ୍ରମୁଖ ଉଦ୍‌ବେଗ ପ୍ରକାଶ କରିଛନ୍ତି। କେତେଜଣ ନିଜର ସ୍ୱାର୍ଥ ନିମନ୍ତେ, ବିବାହ, ବ୍ରତଘର ଶୁଦ୍ଧିକ୍ରିୟା ଆଦି କାର୍ଯ୍ୟ ପାଇଁ ଜଙ୍ଗଲ କାଟି ରୋଷେଇ କାର୍ଯ୍ୟରେ କାଠ ଲଗାଉଛନ୍ତି। ଆଉ କେତେଜଣ ଲୋକ ଘରେ ଜାଳେଣି ପାଇଁ ଗଛକୁ କାଟିନେଉଛନ୍ତି। ୧୯୯୯ ପୂର୍ବରୁ ଏଠାରେ ଘଞ୍ଚ ଝାଉଁ ଜଙ୍ଗଲ ଥିଲା। ମହାବାତ୍ୟାରେ କିଛି ଗଛ ନଷ୍ଟ ହୋଇଯିବା ଫଳରେ ଲୋକେ ଏହାର ଫାଇଦା ଉଠାଇ ସମ୍ପୂର୍ଣ୍ଣ ଜଙ୍ଗଲ ନଷ୍ଟ କରି ଦେଇଥିଲେ। ପୁନର୍ବାର ବନ ବିଭାଗ ପକ୍ଷରୁ ଗଛ ଲଗାଯିବା ପରେ ପୁଣି ସମାନ ଅବସ୍ଥା ହେବାକୁ ଯାଉଛି। ଏହି ବିରାଟ ଜଙ୍ଗଲ ପ୍ରତି ବନ ବିଭାଗ ନଜର ନ ରଖିଲେ ଅଳ୍ପଦିନ ମଧ୍ୟରେ ଲୀନ ହୋଇଯିବ।



## ପାଣିଖିଆ ଗାଁରେ ପଶିଲା ସମୁଦ୍ର ପାଣି

ମହାକାଳପଡ଼ା,୫।୭(ପ୍ରତାପ ଚନ୍ଦ୍ର ସ୍ୱାଇଁ)

- ଚିନ୍ତାରେ ସାନ୍ତାଳ ଆଦିବାସୀପଡ଼ାବାସୀ
- ଲୁଣି ପାଣିରେ ତଳି ବୁଡ଼ିଲା, ଚାଷ କାମ ବାଧାପ୍ରାପ୍ତ

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ପାଣିଖିଆ ଗ୍ରାମକୁ ସମୁଦ୍ର ଉଚ୍ଚ ଜୁଆର ମାଡ଼ି ଆସିଛି । ଫଳରେ ଗାଁର ବିଭିନ୍ନ ଅଞ୍ଚଳ ଜଳମଗ୍ନ ହୋଇଛି। ଏପରି କି ଗାଁର ଚାଷଜମିରେ ଲୁଣି ପାଣି ଜମି ରହିଛି। ଧାନ ତଳି ବୁଡ଼ି ରହିଛି। ଏହାକୁ ନେଇ ଚାଷୀମାନେ ଚିନ୍ତାରେ ପଡିଛନ୍ତି । ତଳି କ୍ଷତିଗ୍ରସ୍ତ ହେଲେ ଚାଷ ଉଜୁଡିବ ବୋଲି ସେମାନେ କହିଛନ୍ତି।

ସୂଚନା ଅନୁଯାୟୀ, ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ସୃଷ୍ଟି ଓ ପୂର୍ଣ୍ଣିମା ତିଥି ଥିବାରୁ ସମୁଦ୍ର ଅଶାନ୍ତ ରହୁଛି । ବୁଧବାର ପୂର୍ବାହ୍ନରେ ଉଚ୍ଚ ଜୁଆର ଉଠି ଲୁଣିପାଣି ଗାଁରେ ପ୍ରବେଶ କରି ଲହଡ଼ି ଭାଙ୍ଗୁଛି। ଗାଁ ନିକଟରେ ଘଞ୍ଚ ଲୁଣାହେନ୍ତାଳ ଜଙ୍ଗଲ ଥିଲେ ବି ଉଚ୍ଚ ଜୁଆର ସେହି ପରିସୀମା ଅତିକ୍ରମ କରିଛି । ଲୁଣିପାଣି ଗାଁକୁ ମାଡ଼ି ଆସିଥିବାରୁ ବିଭିନ୍ନ ସରିସୃପ ଗାଁରେ ବୁଲୁଛନ୍ତି ବୋଲି ସ୍ଥାନୀୟ ଲୋକେ କହିଛନ୍ତି । ସ୍ୱାଧୀନତାର ଦୀର୍ଘବର୍ଷ ପରେ ମଧ ଏହି ଗ୍ରାମକୁ ସବୁଦିନିଆ ରାସ୍ତା ନାହିଁ। ଅଭିଯୋଗ କଲେ ମଧ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ । ଲୁଣି ଜଳ ଯୋଗୁ ଖରିଫ ଫସଲ ପାଇଁ ଧାନ ତଳି ନଷ୍ଟ ହୋଇ ଥିବା ଗ୍ରାମବାସୀ କହିଛନ୍ତି। ଏହି ଗ୍ରାମରେ ଅନୁସୂଚିତ ଜନଜାତି ସମ୍ପ୍ରଦାୟ ୪୭ ପରିବାରର ମୋଟ ୪୦୦ ଲୋକ ବସବାସ କରୁଛନ୍ତି। ଆଦିବାସୀମାନେ ମୂଳ ମଜୁରୀ ଲାଗି ପରିବାର ପ୍ରତିପୋଷଣ କରନ୍ତି। କିଛି ଦିନ ପୂର୍ବେ ଜଙ୍ଗଲ ବିଭାଗ ପକ୍ଷରୁ ଗ୍ରାମର ସୀମା ଚିହ୍ନଟ କରାଯାଇ ପିଲର ପୋତା ଯାଇଥିଲା। ଫଳରେ ଗ୍ରାମରେ କୌଣସି ସ୍ଥାୟୀ ନିର୍ମାଣ କାର୍ଯ୍ୟ କରାଯାଇ ପାରିବ ନାହିଁ ବୋଲି ବନ ବିଭାଗ ପକ୍ଷରୁ ନିର୍ଦ୍ଦେଶ ରହିଛି ବୋଲି ଗ୍ରାମବାସୀ କହିଛନ୍ତି। ହେଲେ ପ୍ରଶାସନ ପକ୍ଷରୁ ଏହି ଗ୍ରାମକୁ ସବୁଦିନିଆ ଢ଼ଳେଇ ରାସ୍ତା ଓ ଚାରିପାଖେ ଲୁଣା ଘେରି ବନ୍ଧ ନିର୍ମାଣ କରାଗଲେ ଗାଁ ଭିତରକୁ ସମୁଦ୍ର ଜଳ ପ୍ରବେଶକୁ ରୋକାଯାଇ ପାରିବ ବୋଲି ଗଣେଶ ମାରାଣ୍ଡି , ରାମ ହେମ୍ବ୍ରମ , ବିକ୍ରମ ହେମ୍ବ୍ରମ , ନୁଗୁର୍ ସୋରେନ , ନୀର ସୋରେନ , ବାବୁଲି ଟୁଡୁ ଓ ଗୁରୁଭା ହାଁସଦା ପ୍ରମୁଖ କହିଛନ୍ତି ।



ମହାକାଳପଡ଼ା ବ୍ଲକ ନାଞ୍ଜୁରା ପଞ୍ଚାୟତ ପାଣିଖିଆ ସାନ୍ତାଳପଡ଼ା ଗ୍ରାମରେ ସମୁଦ୍ର ଜଳ ଲହଡ଼ି ମାରୁଛି।

## ଭିତରକନିକାରେ ୧୨୨ କୁମ୍ଭୀର ବସା ଚିହ୍ନଟ

ରାଜନଗର,୫।୭(ଭାସ୍କର ରାଉତରାୟ)

**ଥାନପତି ନିକଟରୁ ୪୨ଟି କୁମ୍ଭୀର ଅଣ୍ଡା ସଂଗ୍ରହ**

ଭିତରକନିକା ଜାତୀୟ ଉଦ୍ୟାନର ନଦୀ, ନାଳମାନଙ୍କରେ ବାସ କରୁଥିବା ବିରଳ ବଉଳା କୁମ୍ଭୀରଙ୍କ ୧୨୨ଟି କୁମ୍ଭୀର ବସା ଚିହ୍ନଟ ହୋଇଛି। ଏଥିସହ ଜୁଆର ପାଣି ମାଡି ଯାଇଥିବା ଥାନପତି ନିକଟରୁ ଏକ କୁମ୍ଭୀର ବସାରୁ ୪୨ଟି ଅଣ୍ଡା ସଂଗ୍ରହ କରାଯାଇଛି।

ଚଳିତ ବର୍ଷ ଚିହ୍ନଟ ହୋଇଥିବା ୧୨୨ଟି କୁମ୍ଭୀର ବସା ମଧ୍ୟରୁ କନିକା ରେଞ୍ଜରେ ୧୦୭ଟି କୁମ୍ଭୀର ବସା ଚିହ୍ନଟ ହୋଇଥିବା ବେଳେ ରାଜନଗର ରେଞ୍ଜରେ ୧୨ଟି, ଗହୀରମଥା ରେଞ୍ଜ ଅଞ୍ଚଳରେ ଗୋଟିଏ, ମହାକାଳପଡା ରେଞ୍ଜ ଅଞ୍ଚଳରେ ୨ଟି କୁମ୍ଭୀର ବସା ଚିହ୍ନଟ କରାଯାଇଛି। ଗତବର୍ଷ କନିକା ରେଞ୍ଜ ଅଞ୍ଚଳରେ ୧୧୦ଟି ଓ ରାଜନଗର ରେଞ୍ଜ ଅଞ୍ଚଳରେ ୯ଟି, ଗହୀରମଥାରେ ୨ଟି ଓ ମହାକାଳପଡାରେ ଗୋଟିଏ କୁମ୍ଭୀର ବସା ଚିହ୍ନଟ ହୋଇଥିଲା। ଚଳିତବର୍ଷ କନିକା ଓ ମହାକାଳପଡା ରେଞ୍ଜରେ କୁମ୍ଭୀର ବସା ସଂଖ୍ୟା କମିଥିବା ବେଳେ ରାଜନଗର ଓ ଗହୀରମଥା ରେଞ୍ଜରେ କୁମ୍ଭୀର ବସା ସଂଖ୍ୟା ବୃଦ୍ଧି ପାଇଛି। ସେହିପରି ୨୦୧୮ରେ ୧୦୧ଟି, ୨୦୧୯ରେ ୧୦୩ଟି, ୨୦୨୦ରେ ୧୦୩ଟି, ୨୦୨୧ରେ ୮୪ଟି କୁମ୍ଭୀର ବସା ଚିହ୍ନଟ ହୋଇଥିଲା।

ଭିତରକନିକା ଜାତୀୟ ଉଦ୍ୟାନର ଡାଙ୍ଗମାଳଠାରେ ବଉଳା କୁମ୍ଭୀର ମାନଙ୍କର ବଂଶରକ୍ଷା, ବଂଶବୃଦ୍ଧି ଓ ଗବେଷଣା ପାଇଁ କୁମ୍ଭୀର ପ୍ରଜନନ କେନ୍ଦ୍ର ରହିଛି। ୧୯୭୫ରୁ ଏହା କାର୍ଯ୍ୟକାରୀ ହେଉଛି। ପ୍ରତିବର୍ଷ ନଷ୍ଟ ହୋଇଯାଇଥିବା କୁମ୍ଭୀର ବସାରୁ ଅଣ୍ଡା ସଂଗ୍ରହ କରାଯାଇ ପ୍ରାକୃତିକ ଉପାୟରେ ଉଦ୍ଧାର ଅଣ୍ଡାରୁ ଛୁଆ ଫୁଟା ଯାଇଥାଏ। ବୁଧବାର ଥାନପତି ନିକଟରୁ ଜୁଆର ମାଡିଯାଇ ନଷ୍ଟ ହୋଇଯାଇଥିବା କୁମ୍ଭୀର ବସାରୁ ୪୨ଟି ଅଣ୍ଡା ସଂଗ୍ରହ କରାଯାଇଛି। ରେଞ୍ଜ ଅଫିସର ମାନସ କୁମାର ଦାସଙ୍କ ନେତୃତ୍ୱରେ ବନକର୍ମଚାରୀ ହେମନ୍ତ ପାଣିଗ୍ରାହୀ, ଯଶୋବନ୍ତ ବେହେରା ପ୍ରମୁଖ ବସା ନିକଟରେ ଅତି ସତର୍କତାର ସହିତ ୪୨ଟି ଅଣ୍ଡା ସଂଗ୍ରହ କରିଛନ୍ତି। ଏହି ଅଣ୍ଡାକୁ ପ୍ରଜନନ କେନ୍ଦ୍ରରେ ପୂର୍ବରୁ ପ୍ରସ୍ତୁତ କରାଯାଇଥିବା ଖରଖରି ଓ ହେନ୍ତାଳ ପତ୍ରକୁ ଘୋଡାଇ ରଖାଯାଇଛି। କୁମ୍ଭୀର ପ୍ରଜନନ କେନ୍ଦ୍ରରେ କୁମ୍ଭୀର ଛୁଆକୁ ୪ ବର୍ଷ ଲାଳନ ପାଳନ କରି ବଡ କରାଯାଇଥାଏ। ୩ ଫୁଟରୁ ଅଧିକ ଲମ୍ବ ହେଲେ ଏମାନଙ୍କୁ ସୁରକ୍ଷିତ ଭାବେ ନଦୀ, ନାଳମାନଙ୍କରେ ଛଡା ଯାଇଥାଏ।

ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅମାନତ



@ ଗୀତାଞ୍ଜଳି



@ ନାରାୟଣ



@ ଆଏଶା



@ ସୌମ୍ୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## କଳା ୯୪%, ବିଜ୍ଞାନ ୯୭.୯%, ବାଣିଜ୍ୟରେ ୯୩% ପାସ୍

**ବାବା ଭୈରବାନନ୍ଦ କଲେଜର ଯୁକ୍ତ ୩ ପରୀକ୍ଷାଫଳ ପ୍ରକାଶିତ**

ବଡ଼ଚଣା,୫।୭(ଦିଲୀପ କୁମାର ମହାନ୍ତି): ଚଣ୍ଡିଖୋଲସ୍ଥିତ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ଶେଷ ବର୍ଷ କଳା, ବିଜ୍ଞାନ ଓ ବାଣିଜ୍ୟ ଏବଂ ଧନ୍ଦାମୂଳକ ଶିକ୍ଷାର ଫଳ ପ୍ରକାଶ ପାଇଛି। ଏଥିପାଇଁ ମହାବିଦ୍ୟାଳୟ ପରିସରରେ ଏକ ସଭା ଆୟୋଜନ କରାଯାଇଥିଲା। ଏଥିରେ କଲେଜ ଅଧକ୍ଷ ଡ. ମନୋଜ କୁମାର ଦାସ ଅଧକ୍ଷତା କରିଥିବାବେଳେ ପରୀକ୍ଷା ନିୟନ୍ତ୍ରକ ଡ. ମଥୁରୀ ବେହେରା ଫଳ ପ୍ରକାଶନ କରିଥିଲେ। ମହାବିଦ୍ୟାଳୟ ସଂଯୋଜକ ବିଜୟ କୁମାର ସାମଲ, ଉପନିୟନ୍ତ୍ରକ ସତ୍ୟ ପ୍ରକାଶ ରାଉତ ଓ ଡ. ମୁକ୍ତିକାନ୍ତ ନାୟକ ସଭାପରିଚାଳନାରେ ସହଯୋଗ କରିଥିଲେ। ଚଳିତ ବର୍ଷ ଶ୍ରେଷ୍ଠ ସ୍ନାତୋକ ଭାବେ ଛାତ୍ରୀମାନେ ବାଜିମାତ୍ କରିଛନ୍ତି। କଳାରେ ୯୪%, ବିଜ୍ଞାନରେ ୯୭.୯% ଏବଂ ବାଣିଜ୍ୟରେ ୯୩% ପାସ୍ ହାର ରହିଛି। ଧନ୍ଦାମୂଳକ ଶିକ୍ଷାରେ ଟୁରିଜିମ୍ ହସ୍‌ପିଟାଲାଇଜେସନ ବିଭାଗର ସୁଧାଂଶୁ ବାରିକ ଓ ରିଟେଲ ମ୍ୟାନେଜମେଣ୍ଟରେ ଜଶସ୍ମିତା ସାହୁ କଲେଜ ଟପ୍ପର ହୋଇଛନ୍ତି। କଳାର ଆନଥ୍ରୋପଲୋଜୀ ବିଭାଗରେ ଆଶିଷ କୁମାର ସିଂହ, ଅର୍ଥନୀତିରେ ମନିତା ମଞ୍ଜରୀ ସାହୁ, ଶିକ୍ଷାରେ ସଂଗୀତା ସାମଲ, ଇଂଲିଶରେ ଟି. ତେଜସ୍ୱୀନି, ଇତିହାସରେ ଅନ୍ନପୂର୍ଣ୍ଣା ସାହୁ, ଓଡ଼ିଆ ବିଭାଗରେ କ୍ରିଷ୍ଣା ସାହଣୀ, ରାଜନୀତି ବିଜ୍ଞାନ ବିଭାଗରେ ଶୁଭଲକ୍ଷ୍ମୀ ସେନାପତି, ସଂସ୍କୃତରେ ବିଷ୍ଣୁପ୍ରିୟା ଦାସ, ସମାଜ ବିଜ୍ଞାନରେ ସିପିରାଣୀ ସାହୁ, ଉଦ୍ୟାନ ବିଭାଗରେ ରାମେଶ୍ୱରୀ ବଳ, ରସାୟନ ବିଜ୍ଞାନରେ ସତ୍ୟବ୍ରତ ରଣା, ଭୂତତ୍ତ୍ୱ ବିଭାଗରେ ଜ୍ୟୋତିରଞ୍ଜନ ସାହୁ, ଗଣିତରେ ଶୁଭଶ୍ରୀ ରାଉତ, ପଦାର୍ଥ ବିଜ୍ଞାନରେ ସୁଶ୍ରୀ ସଂଗୀତା ବିଶ୍ୱାଳ, ପ୍ରାଣୀ ବିଜ୍ଞାନରେ ରୋନାଲୀ ପଣ୍ଡା ଏବଂ ବାଣିଜ୍ୟରେ ସକିନା ପରୱିନ ଶ୍ରେଷ୍ଠ ସ୍ନାତକ ହୋଇ ମହାବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ସଭାରେ ମହାବିଦ୍ୟାଳୟର ସମସ୍ତ ବିଭାଗୀୟ ମୁଖ୍ୟ ଅଧାପିକାଅଧାପକ ଓ କର୍ମଚାରୀ ଉପସ୍ଥିତ ଥିଲେ। ପରୀକ୍ଷା ନିୟନ୍ତ୍ରକ ବେହେରା ଧନ୍ୟବାଦ ଦେଇଥିଲେ।

## ଗ୍ରାସୁଛି ପଲିଥିନ୍ ବିଷ

**ସରକାରଙ୍କ ପଲିଥିନ୍ ବର୍ଜନ ନିୟମ କାର୍ଯ୍ୟକାରୀ ହେଉନାହିଁ**

ଦଶରଥପୁର,୫।୭(ମନୋଜ ପୃଷ୍ଟି): ପଲିଥିନ୍, ଜରି, ପ୍ଲାଷ୍ଟିକ୍‌ରେ ନିର୍ମିତ କପ୍ ଓ ଚାମଚ ଆଦିର ବ୍ୟବହାର ଉପରେ ସରକାର କଟକଣା ଜାରି କରିଛନ୍ତି। ଏପରିକି ୪୦ ମାଇକ୍ରୋନ୍ ମୋଟେଇରୁ କମ୍ ଏବଂ ରିସାଇକେଲିଂ ପଲିଥିନ୍ ବ୍ୟାଗ୍ ବ୍ୟବହାରକୁ ନିଷିଦ୍ଧ କରାଯାଇଛି। ସରକାରଙ୍କ ଏହି ଆଇନକୁ ଯଦି କୌଣସି ବ୍ୟବସାୟିକ ଅନୁଷ୍ଠାନ କିମ୍ବା ସାଧାରଣ ଲୋକ ଭଙ୍ଗକରନ୍ତି ପରିବେଶ ପ୍ରଦୂଷଣ ସୁରକ୍ଷା ଆଇନ ବଳରେ ସମ୍ପୃକ୍ତ ବ୍ୟବସାୟୀ ହୁଅନ୍ତୁ ଅବା ସାଧାରଣ ଲୋକ ୫ ବର୍ଷ ଜେଲଦଣ୍ଡ ସହ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ବ୍ୟବସ୍ଥା ରହିଛି। କେତେକ ବଡ଼ ବଡ଼ ସହରରେ ସରକାରଙ୍କ ଏହି ନିୟମ କଡ଼ାକଡ଼ି ପାଳନ କରାଯାଉଥିବାବେଳେ ଛୋଟ ସହର ଏବଂ ଗ୍ରାମାଞ୍ଚଳରେ ଏହା କାର୍ଯ୍ୟକାରୀ ହେଉ ନ ଥିବା ଅଭିଯୋଗ ହୋଇଛି। ସେହିପରି ଗ୍ରାମାଞ୍ଚଳର ଲୋକଙ୍କୁ ପଲିଥିନ୍ ଓ ପ୍ଲାଷ୍ଟିକ୍‌ର ପରିବେଶ ପ୍ରତି ଅପକାରିତା ସମ୍ପର୍କରେ ମଧ ସଚେତନ କରାଯାଉନାହିଁ। ଫଳରେ ଅଞ୍ଚଳରେ ପଲିଥିନ୍ ବିଷ ଗ୍ରାସୁଛି ବୋଲି ଅଭିଯୋଗ ହେଉଛି।

ଯାଜପୁର ଜିଲା ଦଶରଥପୁର ବ୍ଲକ୍ ଅଞ୍ଚଳରେ ଛୋଟବଡ଼ ୨୫ରୁ ଊର୍ଦ୍ଧ୍ୱ ଛକବଜାର ରହିଥିବାବେଳେ ଦୈନିକ ଏହି ଛକବଜାରରୁ କୁଇଣ୍ଟାଲ କୁଇଣ୍ଟାଲ ବର୍ଜ୍ୟବସ୍ତୁଭାବେ ପଲିଥିନ୍, ପ୍ଲାଷ୍ଟିକ୍ କପ୍ ଓ ଚାମଚ ଆଦି ବାହାରୁଛି। ଏହା ପରିବେଶ ଲାଗି ବିଷ ସଦୃଶ ବୋଲି ସ୍ଥାନୀୟ ଅଞ୍ଚଳର ଯୁବ ପରିବେଶବିତ୍ ବ୍ରହ୍ମାନନ୍ଦ ପଣ୍ଡା ମତ ଦିଅନ୍ତି। ଏହି ବର୍ଜ୍ୟବସ୍ତୁର ପ୍ରଦୂଷଣ ମଣିଷକୁ ମହାମାରୀ ଆଡ଼କୁ ଠେଲିନେଉଛି। ଏହା ଉପରେ ସଚେତନ କରା ନ ଯିବା ଓ ଏହାର ବ୍ୟବହାର ଉପରେ ଅଙ୍କୁଶ ନ ଲଗାଯିବା ଆଗାମୀ ଦିନ ଲାଗି ଭୟଙ୍କର ପରିସ୍ଥିତିକୁ ମଣିଷ ସାମ୍ନାକରିବାକୁ ବାଧ୍ୟ ହେବ ବୋଲି ସ୍ଥାନୀୟ ଅଞ୍ଚଳର ଅବସରପ୍ରାପ୍ତ ଡାକ୍ତର ଗୋପାଳ ମିଶ୍ର ମତଦେଇଛନ୍ତି। ବ୍ଲକ୍ ଅଞ୍ଚଳରେ କେତେକ ଦେବ ଓ ଶକ୍ତିପୀଠରେ ବାର୍ଷିକ ଉତ୍ସବ ସମୟରେ ମେଳା ଯାତ୍ରା ଆଦି ପଡୁଥିବାବେଳେ ଏଠାରେ ଦୈନିକ ବର୍ଜ୍ୟବସ୍ତୁ ବାହାରିଥାଏ। ମେଳା,ମହୋତ୍ସବ ସରିବା ପରେ ମଧ୍ୟ ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ସଫେଇ ହୋଇ ନ ଥାଏ। ସେହିସବୁ ବସ୍ତୁ ପବନରେ ଉଡ଼ି ବର୍ଷାପାଣିରେ ପୋଖରୀ ନାଳ, ଚାଷଜମିରେ ପ୍ରବେଶ କରିଥାଏ। ଉଦାହରଣ ସ୍ୱରୂପ ବ୍ଲକ୍ ଅଞ୍ଚଳରେ ଥିବା କୁଆଁଶ ମଙ୍ଗଳା ପୀଠ, ମା’ଜାଡୁଆଦେବୀ ପୀଠ, ସିଦ୍ଧେଶ୍ୱର ପୀଠ, ବାଘୁଆଶୁଣୀ ପୀଠ। ଏହାକୁ ଛାଡ଼ିବାପରେ ମଙ୍ଗଳପୁର ବଜାର ସଂଲଗ୍ନ ବିଜୁ ଗ୍ରାମୀଣ ବଜାର ପଡ଼ିଆଠାରେ ୧୨ମାସରେ ୧୩ ପର୍ବ ହୋଇଥାଏ। କେତେବେଳେ ରାଜନୈତିକ ଦଳଗୁଡ଼ିକର ସଭାସମିତି ତ କେତେବେଳେ ମିନାବଜାର ଆଉ କେତେବେଳେ ଅପେରା ପାର୍ଟି ସରିବାପରେ ଏଠାରେ ଜରି ପଲିଥିନ୍, ଚା’ କପ, ୱାନ୍ ଚାନ୍ସ ଗ୍ଲାସ୍ ଆଦି ପଡ଼ିଥାଏ। ବ୍ଲକ୍‌ର ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳ କୁହାଯାଉଥିବା ମଙ୍ଗଳପୁର ବଜାର ଏବଂ ଝୁମ୍ପୁରୀ ବଜାରଠାରେ ବର୍ଜ୍ୟବସ୍ତୁ ନିଷ୍କାସନ ଲାଗି କୌଣସି ବ୍ୟବସ୍ଥା ନ ଥିବାରୁ ଦୈନିକ ବର୍ଜ୍ୟବସ୍ତୁକୁ ବ୍ୟବସାୟୀ ଓ ସାଧାରଣ ଜନତା ଏଣେତେଣେ ପକାଇବା ଲାଗି ବାଧ୍ୟ ହେଉଛନ୍ତି। ଫଳରେ ଅଞ୍ଚଳରେ ପ୍ରଦୂଷଣ ବଢୁଛି। ଏହାଦ୍ୱାରା ଅଞ୍ଚଳରେ କ୍ୟାନ୍‌ସର ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଛି। ପୂର୍ବ ସଂଖ୍ୟାକୁ ଅନୁଧ୍ୟାନକଲେ ୧୦ ବର୍ଷ ମଧ୍ୟରେ କ୍ୟାନ୍‌ସର ରୋଗୀଙ୍କ ସଂଖ୍ୟା ୧୦ ଗୁଣ ଅତିକ୍ରମ କରିଥିବା ଯାଜପୁର ମୁଖ୍ୟ ଚିକିତ୍ସାଳୟର କ୍ୟାନ୍‌ସର ରେକର୍ଡ ରୁମ୍ ସୂଚନାରୁ ଜଣାଯାଇଛି। ତେଣୁ ଜିଲା ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବାକୁ ଅଞ୍ଚଳର ସାମାଜିକ କର୍ମୀ ଶରତ ଚନ୍ଦ୍ର ସେଠୀ, ଭରତ ମଲ୍ଲିକ, ସୌଭାଗ୍ୟ ରଞ୍ଜନ ପୃଷ୍ଟି, ଦିବାକର ଦଳାଇ ଓ କାହ୍ନୁଚରଣ ସାହୁ ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ପ୍ରଶାସନିକ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।



# ବ୍ରାଉନସୁଗାର ଉପରେ ଲଗାମ ନାହିଁ

**ନୟାଗଡ଼,୫।୭(ଲୋକନାଥ ମିଶ୍ର)**

- ଇଟାମାଟି ପାଲଟିଛି ମେନ୍ ହବ୍
- ପୁଡିଆ ୬୦୦ ଟଙ୍କା ନୁହେଁ ୩୦୦ରେ ମିଳୁଛି
- ୧ବର୍ଷ ହେଲା ଚଢ଼ାଉ ନାହିଁ
- ପୋଲିସ, ଅବକାରୀ ମୁହଁରେ ତାଲା

ନୟାଗଡ଼ ଜିଲାରେ ବ୍ରାଉନସୁଗାର କାରବାର ବଢ଼ି ଚାଲିଛି । ଚଢ଼ାଉ ଓ ଧରପଗଡ଼ର ଭୟ ପ୍ରାୟ ୧ବର୍ଷ ହେବ ନାହିଁ । ଚଢ଼ାଉ ଓ ଧରପଗଡ଼ କରାଯାଉଛି ବୋଲି ପୋଲିସ ଓ ଅବକାରୀ ବିଭାଗ କହି ଆସୁଥିବାବେଳେ ମୁହଁରେ ତାଲା ଝୁଲୁଥିବାରୁ ଚଢ଼ାଉ ଶୀତଳଭଣ୍ଡାରରେ ରହିଛି । ନୟାଗଡ଼ ଜିଲାର ୧୪ ଥାନା ଅଞ୍ଚଳର ଗଳି କନ୍ଦି, ଠାକୁରଙ୍କ ମନ୍ଦିର, କୋଠଘର, ପରିବା ଦୋକାନ, ରେଳ ଷ୍ଟେଶନ, ଢ଼ାବା, ଜଳଖିଆ ଦୋକାନ ସମ୍ମୁଖରେ ବ୍ରାଉନସୁଗାର ବିକ୍ରି ହେଉଛି। ଏପରି କି ଥାନା, ଫାଣ୍ଡି, ଅବକାରୀ କାର୍ଯ୍ୟାଳୟ ସମ୍ମୁଖରେ ମଧ୍ୟ ଅବାଧରେ ବିକ୍ରି ହେଉଛି । ବ୍ରାଉନସୁଗାରର ହବ ନୟାଗଡ଼ରୁ ଇଟାମାଟିକୁ ସ୍ଥାନାନ୍ତରିତ ହୋଇଯାଇଛି । ପୁଣି ପୁଡ଼ିଆ ଗୋଟିକୁ ୬୦୦ ଟଙ୍କା ବଦଳରେ ୩୦୦ ଟଙ୍କାରେ ବିକ୍ରି ହେଉଛି । ପୋଲିସ ଓ ଅବକାରୀ ବିଭାଗର ନୀରବତା ବ୍ରାଉନସୁଗାର ବ୍ୟବସାୟୀଙ୍କୁ ସୁହାଉଛି । ତେବେ ୧ ବର୍ଷ ପରେ ନୟାଗଡ ଟାଉନ ଥାନା ପୋଲିସ ୫.୮୯୦ ଗ୍ରାମ ବ୍ରାଉନ ସୁଗାର ଜବତ କରି ବାହାବା ନେଇଛି। ଖୋର୍ଦ୍ଧାରୁ ନୟାଗଡ଼ ବ୍ରାଉନସୁଗାର ଆସିବା ପାଇଁ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥ, ବାଘମାରୀ-ଖଣ୍ଡପଡ଼ା ରାସ୍ତା ଓ ନୂଆ ଜଗନ୍ନାଥ ସଡ଼କ ନିରାପଦ ପାଲଟିଛି । ବାଇକ, ସ୍କୁଟରେ ବ୍ରାଉନସୁଗାର ଆସି ନୟାଗଡ଼ର ଗଳିକନ୍ଦିରେ ବିକ୍ରି ହେଉଛି। ଏନେଇ ଜଣେ ବ୍ରାଉନସୁଗାର ବ୍ୟବସାୟୀ ନିଜ ନାଁ ଗୋପନ ରଖି କହିଛନ୍ତି, ଖୋର୍ଦ୍ଧାର ଜଣେ ଏସ୍‌ପି ନୟାଗଡ଼ ଆସିବା ପରେ ନୟାଗଡ଼ରେ ବ୍ରାଉନସୁଗାର କାରବାର ବଢ଼ିଲା । ପ୍ରଥମତଃ ଚଢ଼ାଉ କଲେ ନାହିଁ। ଦ୍ୱିତୀୟରେ ନୟାଗଡ଼ ଓ ଖୋର୍ଦ୍ଧାର ବ୍ୟବସାୟୀମାନେ ଏହାର ଫାଇଦା ନେଇ ବ୍ରାଉନସୁଗାର ବ୍ୟବସାୟ ବଢ଼ାଇ ଚାଲିଲେ। ନୟାଗଡ଼ରେ ବ୍ରାଉନସୁଗାର କାରବାର ଖୋର୍ଦ୍ଧା ଜିଲାଠାରୁ ବହୁ ଆଗରେ। ପୋଲିସ ଓ ଅବକାରୀ ବିଭାଗ ମଧ୍ଯ ଆମ ବିରୋଧରେ ଚଢ଼ାଉ କରୁନି । ୨ଟି ବିଭାଗର ନୀରବତା ଆମ ବ୍ୟବସାୟକୁ ଆଗକୁ ବଢ଼ାଇବାରେ ସହଯୋଗ କରୁଛି । ନୟାଗଡ଼ର ସୁଦାମ ସ୍ୱାଇଁ କୁହନ୍ତି, ନୟାଗଡ଼ ଜିଲା ସଦର ମହକୁମାରେ ବ୍ରାଉନ ସୁଗାର କାରବାର ବଢ଼ି ଚାଲିଛି । ହେଲେ ଚଢ଼ାଉ ନ ଥିବାରୁ ଚୋରି, ଡକାୟତି ବଢ଼ି ଚାଲିଛି। ନୟାଗଡ଼ ଅବକାରୀ ସୁପରିଟେଣ୍ଡେଣ୍ଟ କରୁଣା ଶଙ୍କର ତିୱାରୀ କୁହନ୍ତି, ବ୍ରାଉନସୁଗାର ଧରପଗଡ଼କୁ ତ୍ୱରାନ୍ୱିତ କରାଯିବ । ନିଶା ସେବନ ନକରବାକୁ ସଚେତନତା କରାଯାଉଛି । ଆଗାମୀ ଦିନରେ ଅଧିକ ଚଢ଼ାଉ ହେବ ବୋଲି ପ୍ରକାଶ କରିଛନ୍ତି ।

## ଜେଲ ଗଲେ ୨ ବ୍ରାଉନସୁଗାର ବ୍ୟବସାୟୀ

ନୟାଗଡ଼ ଟାଉନ ଥାନା ପୋଲିସ ୫.୮୯୦ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ସିନ୍ଦୁରିଆର ମଲ୍ଲିକ ଆମିନ ଅକତାର(୩୩) ଓ ସୁନିଲ କୁମାର ପାତ୍ର (୨୫) ନାମକ ଦୁଇ ବ୍ରାଉନସୁଗାର ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି । ମିଳିଥିବା ସୂଚନା ଅନୁସାରେ ମଙ୍ଗଳବାର ଏମ୍‌ଭି ଚେକିଂ ରତନପୁର ଓ ଦେଉଳପଲ୍ଲୀ ଛକ ଅଞ୍ଚଳରେ ହେଉଥିବାବେଳେ ଦୁଇ ଜଣ ଯୁବକ ବାଇକରେ ଆସୁଥିଲେ। ପୋଲିସ ଅଟକାଇବାର ଚାଳକ ବାଇକ୍ ନ ରଖି ଦ୍ରୁତ ଗତିରେ ପଳାଇ ଯାଇଥିଲା। ପୋଲିସ ସେମାନଙ୍କ ପିଛା କରି ସିନ୍ଦୁରିଆ ଛକରେ ୫.୮୯୦ ଗ୍ରାମ ବ୍ରାଉନ ସୁଗାର ଜବତ କରିଥିଲା । ଅନ୍ୟପକ୍ଷେ ୧୦୯/୨୩ରେ ମାମଲା ରୁଜୁ କରି ତଦନ୍ତ କରୁଛି । ଏନେଇ ନୟାଗଡ଼ ଟାଉନ ଥାନା ଆଇଆଇସି ପ୍ରଜ୍ଞା ପରମିତା ଜେନା କୁହନ୍ତି, ନିଶା କାରବାର ଉପରେ ଚଢ଼ାଉ ହେଉଛି । ଆଗକୁ ଚଢ଼ାଉ ଜୋରଦାର ହେବ ।

# ୭ ମାସ ବିତିଲା, ନିଖୋଜ ଭୀମସେନଙ୍କ ପତ୍ତା ମିଳୁନି



**ଖଣ୍ଡପଡ଼ା,୫।୭(ଅଜୟ କୁମାର ମହାରଣା)**

- ପୁଅକୁ ଦେଖା କରିବାକୁ ସୁରଟ ଯାଇଥିଲେ
- ଚିନ୍ତାରେ ପରିବାରବର୍ଗ

ସୁଦୂର ସୁରଟ ସହରରେ ରହୁଥିବା ପୁଅ ପାଖକୁ ଯାଇଥିବା ଖଣ୍ଡପଡ଼ା ବ୍ଲକ ବେଣାଗାଡିଆ ପଞ୍ଚାୟତ ଅଧୀନ କାଦୁଆ ଗ୍ରାମର ଭୀମସେନ ରାଉତ(୬୮)ଙ୍କ ଗତ ୭ମାସ ହେଲା କୌଣସି ଖୋଜଖବର ମିଳୁନାହିଁ । ଏ ନେଇ ପରିବାରବର୍ଗ ଆଶା ଆଶଙ୍କାରେ ଦିନ କାଟୁଛନ୍ତି। ଭୀମସେନଙ୍କ ନିଖୋଜ ସମ୍ପର୍କରେ ପରିବାରବର୍ଗ ଖଣ୍ଡପଡ଼ାଥାନାଠାରୁ ଆରମ୍ଭ କରି ରେଲୱେ ପୋଲିସ ଓ ନୟାଗଡ଼ ଜିଲା ଶ୍ରମ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କୌଣସି ସୁଫଳ ମିଳି ନ ଥିବାରୁ ପରିବାର ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି।

ଗତ ଜାନୁୟାରୀ ୩ରେ ଟ୍ରେନ୍ ଯୋଗେ ଭୁବନେଶ୍ୱର ରେଲୱେ ଷ୍ଟେଶନରୁ ଭୀମସେନ ସୁରଟ ଅଭିମୁଖେ ଯାତ୍ରା କରିଥିଲେ । ମାତ୍ର ପରବର୍ତ୍ତୀ ସମୟରେ ସେ ଆଉ ସୁରଟରେ ପହଞ୍ଚି ନ ଥିଲେ । ସୁରଟ ସହରରେ ଭୀମସେନଙ୍କ ବଡ଼ପୁଅ ବିଦେଶୀ ରାଉତ ରହୁଥିବା ବେଳେ ସେଠାକୁ ବାପା ଯାଇ ନ ଥିବା ସେ କହିଛନ୍ତି। ତେବେ ଭୀମସେନ କୁଆଡେ ଗଲେ ଓ କେଉଁଠାରେ ଅଛନ୍ତି ତାହା ଜଣାପଡୁ ନ ଥିବାରୁ ପରିବାର ଲୋକ ଦୁଃଖରେ ଭାଙ୍ଗି ପଡିଛନ୍ତି । ଅପରପକ୍ଷେ ଭୀମସେନଙ୍କ ନିଖୋଜ ନେଇ କାଦୁଆ ଗ୍ରାମବାସୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ନିଖୋଜ ବୃଦ୍ଧ ବ୍ୟକ୍ତି ଜଣକ ଏବେ ଜୀବିତ ନାଁ ମୃତ ଏନେଇ ଗ୍ରାମବାସୀ ସନ୍ଦେହ ପ୍ରକାଶ କରିଛନ୍ତି । ତେବେ ଭୀମସେନଙ୍କ ନିଖୋଜ ସମ୍ପର୍କରେ ଅଧିକ ଅନୁସନ୍ଧାନ ନିମନ୍ତେ ପ୍ରଶାସନ, ଜିଲା ଶ୍ରମ ଅଧିକାରୀ ଓ ନୟାଗଡ଼ ଜିଲାପାଳ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ନିର୍ମାଣ ସରିଛି, କାମରେ ଲାଗୁନି ଏକାଧିକ ପ୍ରକଳ୍ପ

**ଭାପୁର,୫।୭(ଭରତ କୁମାର ବେହେରା):** ନୟାଗଡ଼ ଜିଲା ଭାପୁର ବ୍ଲକ୍ ବାଇଗୁଣିଆ ଗ୍ରାମପଞ୍ଚାୟତରେ ଲୋକମାନଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ଉଚ୍ଚ କ୍ଷମତା ବିଶିଷ୍ଟ ପାଣିଟାଙ୍କି ୯୬ ଲକ୍ଷ ଟଙ୍କା ବ୍ୟୟବରାଦରେ ନିର୍ମାଣ ସରିଛି। ହେଲେ ଲୋକମାନଙ୍କୁ ଆଜି ପର୍ଯ୍ୟନ୍ତ ପାନୀୟ ଜଳ ଠିକ୍‌ରେ ମିଳୁନାହିଁ। ପ୍ରାୟ ୨ କିଲୋମିଟର ଦୂର କୁସୁମୀ ନଦୀରୁ ପାଇପ୍ ଯୋଗେ ପାଣି ଆସି ବଡ ଟାଙ୍କିରେ ସମସ୍ତଙ୍କୁ ପାନୀୟ ଜଳ ଯୋଗାଇବା କଥା । ହେଲେ ପାଣି ନ ଆସିପାରିବାରୁ ଆଉ ଏକ ଛୋଟ ପାଣିଟାଙ୍କି ନିର୍ମାଣ ହୋଇଥିଲା। ଏଥିପାଇଁ ୧୬ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲା । ଗ୍ରାମରେ ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାପାଇଁ ସରକାର ଅନେକ କୋଟି ଟଙ୍କା ବ୍ୟୟ କରୁଛନ୍ତି। ହେଲେ ଅଧିକାଂଶ ସ୍ଥାନରେ ପାନୀୟ ଜଳ ସୁପରିଚାଳନା ନେଇ ଅସନ୍ତୋଷ ଦେଖାଦେଇଛି । କେଉଁଠି ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଖତ ଖାଇବାକୁ ବସିଲାଣି ଅନେକ ସ୍ଥାନରେ ଯନ୍ତ୍ରୀ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ ଜନସାଧାରଣ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି।

ବାଇଗୁଣିଆ ପଞ୍ଚାୟତରେ ପ୍ରାୟ ୮ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ବସବାସ କରନ୍ତି। ବାଇଗୁଣିଆ ଗ୍ରାମପଞ୍ଚାୟତ ବୋରଗାଁର ଜନସାଧାରଣ ପାଣି ପାଇଁ ନାନା ହଇରାଣ ହେଉଛନ୍ତି। ବାରମ୍ବାର ଶତାଧିକ ମହିଳା ଯାଇ ନୟାଗଡ଼ରେ ପ୍ରଶାସନକୁ ପାନୀୟ ଜଳ ବିଷୟରେ ଅଭିଯୋଗ କରିଛନ୍ତି । ପ୍ରଶାସନିକ ଅଧିକାରୀ ମଧ ଶୀଘ୍ର ପାନୀୟ ଜଳ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । ବୋରଗାଁର ଅନେକ ମହିଳା କହିଛନ୍ତି, ଗରା ମାଠିଆ ନେଇ ଆମେ ବାରମ୍ବାର ଅଭିଯୋଗ କଲେ ମଧ ବିଭାଗୀୟ ଅଧିକାରୀମାନେ କହୁଛନ୍ତି, ନିଶ୍ଚିତ ପାନୀୟ ଜଳ ଦିଆଯିବ । ହେଲେ ପରବର୍ତ୍ତୀ ସମୟରେ ସେହି ପ୍ରତିଶ୍ରୁତି ସେମିତି ରହୁଛି। ପାଣିର ଅଭାବକୁ ନେଇ ନଳକୂପକୁ ଭରସା କରି ଚଳିବା କଥା। ଆଜି ପର୍ଯ୍ୟନ୍ତ ଗ୍ରାମରେ ପାନୀୟ ଜଳ ପାଇଁ ବ୍ୟବସ୍ଥା ନାହିଁ। କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରି ଉଚ୍ଚ କ୍ଷମତା ପାଣି ଟାଙ୍କି କାହା ପାଇଁ ନିର୍ମାଣ କରାଯାଇଥିଲା ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ପାଣିଟାଙ୍କି ନିର୍ମାଣ ହୋଇଥିଲେ ମଧ ଆଜି ପର୍ଯ୍ୟନ୍ତ ପାନୀୟ ଜଳ ଠିକରେ କେହି ପାଉ ନାହାଁନ୍ତି ବୋଲି ବୃଦ୍ଧିଜୀବିମାନେ ପ୍ରଶ୍ନ କରିଛନ୍ତି।

ଏ ନେଇ ବିଭାଗୀୟ ଯନ୍ତ୍ରୀ ସ୍ୱାଧୀନ ପାଣିଗ୍ରାହୀ କହିଛନ୍ତି, ପାନୀୟ ଜଳ ଠିକ୍‌ରେ ଯୋଗାଇ ଦିଆଯାଉଛି। ହେଲେ ଗ୍ରାମବାସୀ କହିଛନ୍ତି, ଗ୍ରୀଷ୍ମପ୍ରବାହରେ ଆମେ ପାନୀୟ ଜଳ ପାଇଁ ଡହଳବିକଳ ହେଉଥିବା ବେଳେ ଯନ୍ତ୍ରୀ ଠିକାଦାର ଆରାମରେ ଶୀତତାପ ରୁମରେ ବସି ରହୁଛନ୍ତି। ସେମାନେ କିପରି ଜାଣିବେ ଆମେ ପାନୀୟ ଜଳ ପାଉଛୁ ନା ନାହିଁ । ଥରେ ଆମ ଗାଁ କୁ ଆସି ଦେଖନ୍ତୁ ପ୍ରକୃତରେ ଆମେ ପାନୀୟ ଜଳ ପାଉଛି ନା ନାହିଁ । ଗ୍ରାମବାସୀ ଅଭିଯୋଗ କରିଛନ୍ତି ୧୧ଟି ୱାର୍ଡ ଓ ୧୮ ସାହିରେ ଆଜି ପର୍ଯ୍ୟନ୍ତ ପାନୀୟ ଜଳ ମିଳୁନାହୁଁ। ଜିଲା ପ୍ରଶାସନ ଏ ସଂକ୍ରାନ୍ତରେ ପଦକ୍ଷେପ ନେବାକୁ ଦାବି କରାଯାଇଛି ।

# ବିଡିଓଙ୍କ ନାମ କହି ଲୁଟିନେଲେ ଲକ୍ଷାଧିକ ଟଙ୍କା

**ଭାପୁର,୫।୭(ଭରତ କୁମାର ବେହେରା)**

### ଅଭିନବ ଉପାୟରେ ସାଇବର ଠକେଇ

ମୁଁ ଭାପୁର ବିଡ଼ିଓ କହୁଛି, ଆପଣଙ୍କର ମ୍ୟାଚ୍ୟୁରିଟି ଗ୍ରାଣ୍ଟ ଆସିଛି ଆପଣଙ୍କ ଫୋନ ନମ୍ବରେ ଏବେ ଯାଉଥିବା ଓଟିପି ନମ୍ବର ଦିଅନ୍ତୁ। ଏହାପରେ ଆଖି ପିଛୁଳାକେ ଉଡିଗଲା ଲକ୍ଷାଧିକ ଟଙ୍କା। ଏଭଳି ଅଭିନବ ଠକେଇ ଘଟିଛି ଭାପୁର ବ୍ଲକର ବିଭିନ୍ନ ଉଚ୍ଚ ବିଦ୍ୟାଳୟରେ। କରିତମା ସାଇବର ଠକେଇ ଅଭିନବ ଉପାୟରେ ବିଡ଼ିଓଙ୍କ ନାମ କହି ୮୦୯୩୫୫୨୯୧୨ ଫୋନ ନମ୍ବର୍‌ରୁ ଫୋନ କରି ପ୍ରଥମେ ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ଓଟିପି ନମ୍ବର ମାଗିଥିଲେ। ଓଟିପି ନମ୍ବର ଦେଲାପରେ ବ୍ୟାଙ୍କ ଖାତାରୁ ଟଙ୍କା ଉଭାନ ହୋଇଯାଇଥିଲା। ଭାପୁର ବ୍ଲକ୍‌ର ଜାମୁସାହି ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କ ୨୦ହଜାର ଟଙ୍କା, ଗୋଲାପୋଖରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କଠାରୁ ୩ହଜାର ଟଙ୍କା ଓ ବିଜିପୁର ରାମଚନ୍ଦ୍ର ସାହୁ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ବିଦ୍ୟୁଲତା ପଟ୍ଟନାୟକଙ୍କ ଠାରୁ ୨୦ହଜାର ଟଙ୍କା ଉଭାନ ହୋଇଯାଇଛି। ଲୋକ ଲଜ୍ଜା ଭୟରେ ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ ଠିକ ଟଙ୍କା କହୁ ନ ଥିବା ବେଳେ ଏହା ଭାପୁର ବ୍ଲକ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ବିଭିନ୍ନ ସମୟରେ କାହାକୁ ଓଟିପି ନମ୍ବର ନ ଦେବା ପାଇଁ ନାନା ସଚେତନତା କରାଯାଉଥିବା ବେଳେ ମଧ୍ୟ ଅଧିକ ଟଙ୍କା ଲୋଭରେ ଓଟିପି ନମ୍ବର ଦେଇ ଟଙ୍କା ହରାଉଛନ୍ତି। ଭାପୁର ବ୍ଲକର ଅନେକ ଉଚ୍ଚ ବିଦ୍ୟାଳୟରୁ ଏଭଳି ଘଟିଥିବା ଚର୍ଚ୍ଚା ହେଉଥିବା ବେଳେ ଲାଜରେ ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ କିମ୍ବା ବିଦ୍ୟାଳୟର କର୍ମଚାରୀ ମୁହଁ ଖୋଲୁ ନାହାନ୍ତି। ଏ ସଂକ୍ରାନ୍ତରେ କୌଣସି ନିଉଜ୍ ପ୍ରକାଶ ନ କରିବା ପାଇଁ ଅନୁରୋଧ କରିଛନ୍ତି। ହେଲେ ଏନେଇ କୌଣସି ଥାନାରେ ମାମଲା ରୁଜୁ ହୋଇ ନ ଥିବା ସୂଚନା ମିଳିଛି। ଭାପୁର ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଣଜିତ୍ କୁମାର ମଲ୍ଲିକଙ୍କୁ ପଚାରିଲେ କୁହନ୍ତି, ଭାପୁର ବ୍ଲକର ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ ଶିକ୍ଷକ ମୋର ଫୋନ ନମ୍ବର ଜାଣିଛନ୍ତି କିମ୍ବା ବ୍ଲକ ବିଦ୍ୟାଳୟଠାରୁ ଦୂର ନୁହେଁ। ସେମାନେ ଶିକ୍ଷୟିତ୍ରୀ, ପ୍ରଧାନଶିକ୍ଷଖ ହୋଇ ଏଭଳି ଠକାମିର ଶିକାର ହେବା ଆଶର୍ଯ୍ୟ ଲାଗୁଛି।

# ବିଶିଷ୍ଟ କଂସା ପିତଳ କାରିଗରଙ୍କ ପରଲୋକ

**ଖଣ୍ଡପଡ଼ା,୫।୭ (ଅଜୟ କୁମାର ମହାରଣା)**



ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ପଞ୍ଚାୟତ ତେଲିସାହିର ବିଶିଷ୍ଟ କଂସା ପିତଳ କାରିଗର ପଦ୍ମନାଭ ସାହୁ(୮୬)ଙ୍କ ବୁଧବାର ପୂର୍ବାହ୍ନରେ ପରଲୋକ ହୋଇଯାଇଛି । ଗତ କିଛି ମାସ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ସେ ପୀଡିତ ଥିଲେ । ସ୍ୱର୍ଗତ ସାହୁ କଂସାର ଥାଳି, ଚିଟିକି, ଗିନା ସହ କଂସା ଗିନି କାରିଗର ଭାବେ ବେଶ ପରିଚିତ ଥିଲେ । ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି । ସ୍ଥାନୀୟ ଶ୍ମଶାନ ଘାଟରେ ଏକ ଶୋକାକୁଳ ପରିବେଶରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁଅ ଜ୍ଞାନ ମୁଖାଗ୍ନି ଦେଇଥିଲେ।

# ଷ୍ଟେଟ୍ ବ୍ୟାଙ୍କ ଏଟିଏମ୍‌ରେ ଗ୍ରାହକ ସେବା ବିପର୍ଯ୍ୟସ୍ତ

**ଖଣ୍ଡପଡ଼ା,୫।୭(ଅଜୟ କୁମାର ମହାରଣା):** ଖଣ୍ଡପଡ଼ା ସହରର ରଥଗଡ଼ା ଛକରେ ଥିବା ଷ୍ଟେଟ ବ୍ୟାଙ୍କ ଏଟିଏମ୍‌ଟି ଅଧିକାଂଶ ସମୟ ଅଚଳ ହୋଇ ପଡୁଥିବାରୁ ନାନା ସମସ୍ୟା ଉପୁଜୁଛି । କେତେବେଳେ ଟଙ୍କା ଜମା କରିବା ମେଶିନଟି ଅଚଳ ହୋଇ ପଡୁଛି ତ ଆଉ କେତେବେଳେ ପାଖରେ ଥିବା ଟଙ୍କା ଉଠାଇବା ମେଶିନ ଅଚଳ ହୋଇ ପଡୁଛି । ଫଳରେ ବିଭିନ୍ନ ସମୟରେ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବାରମ୍ବାର ଅଭିଯୋଗ ସତ୍ତ୍ୱେ ମଧ ଅଚଳ ହୋଇ ପଡୁଥିବା ଏଟିଏମ୍ ପ୍ରତି ବ୍ୟାଙ୍କ କର୍ତ୍ତୃପକ୍ଷ ନତୁବା ଉଚ୍ଚ ପଦସ୍ଥ ଅଧିକାରୀ ଦୃଷ୍ଟି ଦେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଏଥିପ୍ରତି ଷ୍ଟେଟ ବ୍ୟାଙ୍କ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି ।



# ମାଟି ତଳୁ ମିଳିଲାନି ସୁନାକଳସ



ସୁନା କଳସ ପାଇଁ ପୂଜାର୍ଚ୍ଚନା ଚାଲିଛି ।



ଜଙ୍ଗଲରେ ଖୋଳା ଯାଇଥିବା ଗାତ।

**ନୟାଗଡ଼,୫।୭(ଲୋକନାଥ ମିଶ୍ର)**

- ଗାଁଲୋକଙ୍କ ବିରୋଧ ସ୍ୱପ୍ନକୁ ମିଛ କରାଇଲା
- ଗୁଣି ଗାରେଡି, ପୂଜା ପାଠ ଓ ବଳି ହେଲା ଅକାରଣ

ସ୍ୱପ୍ନାଦେଶ ପରେ ଗୁଣି ଗାରେଡି, ତନ୍ତ୍ରମନ୍ତ୍ର, ପୂଜା ପାଠ, ବଳି ଦେବା ପରେ ବି ୫ ଫୁଟ ଗର୍ତ୍ତରୁ ବାହାରିଲାନି ସୁନା କଳସ। ଗାଁଲୋକଙ୍କ ବିରୋଧ କାରଣରୁ ମାଟି ଅଶୁଦ୍ଧ ହୋଇଯିବାରୁ ଗୁଣି ଗାରେଡି, ପୂଜା ପାଠ, ବଳି ବ୍ୟର୍ଥ ହୋଇଗଲା । ସ୍ୱପ୍ନ ମିଛ ହୋଇଗଲା । ଏଭଳି ଘଟଣା ଦଶପଲ୍ଲା ବ୍ଲକ ବାଣିଗୋଛା ଥାନା ମିଟିଗାଡୁ ଗାଁରେ ଘଟିଛି । ସ୍ୱପ୍ନ ସତ କରିବାକୁ ହେଲେ ମାଟି ଶୁଦ୍ଧ କରି ୭ଟି ଶିଶୁ ଓ ଦୁଇ କଳାବିରାଡି ପୂଜା ପାଇଁ ବ୍ୟବସ୍ଥା କରାଯାଇଥାନ୍ତା । ଗାଁ ଲୋକଙ୍କ ଅଭିଯୋଗରେ ପୋଲିସ ଘଟଣାର ତଦନ୍ତ କରୁଥିବାରୁ ସବୁ କିଛି ଓଲଟପାଲଟ ହୋଇଗଲା ।

ପ୍ରାପ୍ତ ସୂଚନା ଅନୁସାରେ ମିଟିଗାଡୁ ଗାଁର ରତ୍ନାକର ଜାନୀ ସ୍ୱପ୍ନ ଦେଖିଥିଲେ ଗାଁ ନିକଟ ଜଙ୍ଗଲିଆ ଅଞ୍ଚଳର ବରଗଛ ମୂଳେ ମାଟି ତଳେ ସୁନା କଳସ ରହିଛି । ଘଟଣା ସମ୍ପର୍କରେ ଗୁଣିଆଙ୍କୁ ଡାକି କ'ଣ କରାଯିବ ସେନେଇ ଆଲୋଚନା କଲେ । ଗୁଣିଆ ପରାମର୍ଶ ଅନୁସାରେ ସ୍ୱପ୍ନକୁ ସତ କରିବା ପାଇଁ ଗତ ସୋମବାର ବରଗଛ ମୂଳେ ପୂଜା ପାଠ କରିଥିଲେ । ଗୁଣିଆଙ୍କ ପରାମର୍ଶ ଅନୁସାରେ କୁକୁଡା ଓ ବୋଦା ବଳି ଦିଆଗଲା । ପରେ ପରେ ୫ଫୁଟର ଗାତ ଖୋଳା ଯାଇଥିଲା । ଖବର ପାଇ ଗାଁଲୋକ ଏହାକୁ ଅନ୍ଧ ବିଶ୍ୱାସ କହି ପ୍ରତିବାଦ ଓ ବିରୋଧ କରିଥିଲେ । ପୂଜାର୍ଚ୍ଚନା, ବଳି ଓ ମାଟି ଖୋଳା କାମ ବନ୍ଦ କରିବାକୁ କହିଥିଲେ । ହେଲେ ରତ୍ନାକର ଗାଁଲୋକଙ୍କ ନିର୍ଦ୍ଦେଶ ମାନି ନ ଥିଲା । ଏଣୁ ଗାଁଲୋକ ବାଣିଗୋଛା ଥାନାକୁ ଖବର ଦେଇଥିଲେ । ପୋଲିସ ଆସିବା ପରେ ରତ୍ନାକରଙ୍କ ସମେତ ଗୁଣିଆ ପ୍ରମୁଖ ଫେରାର ହୋଇ ଯାଇଥିଲେ । ଏନେଇ ବାଣିଗୋଛା ଥାନା ଆଇଆଇସି ସଞ୍ଜୟ ମଲ୍ଲିକ କୁହନ୍ତି, ସୁନା କଳସ ପାଇଁ କେବଳ ପୂଜାର୍ଚ୍ଚନା ହୋଇଛି । କୁକୁଡ଼ା ଓ ବୋଦା ବଳି ଦିଆ ଯାଇ ନ ଥିବା ତଦନ୍ତିରୁ ଜଣାପଡିଛି । ଗାଁଲୋକଙ୍କ ଅଭିଯୋଗ ପରେ ପୋଲିସକୁ ଦେଖି ସୁନାକଳସ ପାଇବାକୁ ଉଦ୍ୟମ ଚଳାଇଥିବା ବ୍ୟକ୍ତିମାନେ ଫେରାର ହୋଇ ଯାଇଛନ୍ତି । ୫ଫୁଟ ଗାତରୁ ପ୍ରାୟ ୪ ଫୁଟ ଖୋଳା ଶେଷ ହୋଇଥିଲା । ସୁନାକଳସ ପାଇବାର ଲୋଭ ସେମାନଙ୍କୁ ଅନ୍ଧବିଶ୍ୱାସ ପରି କଥାକୁ ଭରସା କରିନେଇଥିଲେ ବୋଲି କହିଛନ୍ତି ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅମାନତ



@ ଗୀତାଞ୍ଜଳି



@ ନାରାୟଣ



@ ଆଏଶା



@ ସୌମ୍ୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବେଦ ବିଦ୍ୟାଳୟ, ଶ୍ରୀମଦ୍ ଭାଗବତ ଗୀତା ସୋପାନ ଗଠନ ଉପରେ ଗୁରୁତ୍ୱ

**ଖଣ୍ଡପଡ଼ା,୫।୭(ଅଜୟ କୁମାର ମହାରଣା)**

ଜଗନ୍ନାଥ ସଂସ୍କୃତିର ଆଦିପୀଠ ଭାବେ ପରିଚିତ କଣ୍ଟିଲୋ ଶ୍ରୀନୀଳମାଧବଙ୍କ କ୍ଷେତ୍ରର ବିକାଶ ନିମନ୍ତେ ରାଜ୍ୟ ସରକାର ୧୦୦ କୋଟି ଟଙ୍କାର ଅନୁଦାନ ମଞ୍ଜୁର କରିଛନ୍ତି। ଏହି ପରିପ୍ରେକ୍ଷୀରେ ବିକାଶମୂଳକ କାମ ଆରମ୍ଭ ହୋଇଛି। କଣ୍ଟିଲୋ ଏକ ପର୍ଯ୍ୟଟନ କ୍ଷେତ୍ର ସହ ଆଧାତ୍ମିକ କ୍ଷେତ୍ର ହୋଇଥିବାରୁ ଏଠାରେ ଆଧାତ୍ମିକ ପରିବେଶ ସୃଷ୍ଟି ନିମନ୍ତେ ସେଠାରେ ଏକ ବେଦ ବିଦ୍ୟାଳୟ, ମହାବିଦ୍ୟାଳୟ ପ୍ରତିଷ୍ଠାର ଆବଶ୍ୟକତା ରହିଛି ବୋଲି ଆୟୋଜିତ ଏକ କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ବିକାଶ ମଞ୍ଚର ଆବାହକ ଅଭିଲାଷ ପଣ୍ଡା ମତ ରଖିଛନ୍ତି। ଏହାଛଡା ସାଧୁସନ୍ଥମାନଙ୍କ ପାଇଁ ଆଶ୍ରୟସ୍ଥଳ ନିର୍ମାଣ ସହ ଶ୍ରୀନୀଳମାଧବଙ୍କ ଉପରେ ଗବେଷଣା ନିମନ୍ତେ ବର୍ଷର ବିଭିନ୍ନ ସମୟରେ ଆସୁଥିବା ଗବେଷକ ଓ ଛାତ୍ରୀଛାତ୍ରମାନଙ୍କ ଜ୍ଞାନ ଆହରଣ ନିମନ୍ତେ ଏକ ଉନ୍ନତ ମାନର ପାଠାଗାର ନିର୍ମାଣ ଉପରେ ପଣ୍ଡା ଗୁରୁତ୍ୱାରୋପ କରିଥିଲେ। ଅପରପକ୍ଷେ ବିଶ୍ୱର ସର୍ବଶ୍ରେଷ୍ଠ ଗ୍ରନ୍ଥ ଶ୍ରୀମଦ୍ ଭାଗବତ ଗୀତାର ପ୍ରଚାର, ପ୍ରସାର ନିମନ୍ତେ ତଥା କଣ୍ଟିଲୋ ଶ୍ରୀନୀଳମାଧବ ପୀଠ ଆଧାତ୍ମିକ ପରିବେଷଣକୁ ଆଉ ଗୋଟିଏ ପାଦ ଆଗକୁ ନେବା ପାଇଁ 'ଶ୍ରୀମଦ୍ ଭାଗବତ ଗୀତା ସୋପାନ' ଗଠନ କରାଯାଇ ସପ୍ତାହର ୩ରୁ ୪ ଦିନ ବାଳିକା, ବାଳକମାନଙ୍କ ନିମନ୍ତେ ଗୀତା ପାଠର ଶ୍ରେଣୀ(କ୍ଲାସ) କରାଯିବା ପାଇଁ ସ୍ଥାନୀୟ ଜିଲା ପରିଷଦ ସଭ୍ୟା ଉଜ୍ଜ୍ୱଳ ମହାରଣା ଓ ଅଧ୍ୟାପିକା ଜ୍ୟୋତ୍ସ୍ନା ମହାରଣା, ଭାରତୀ ପାଢୀ, ଗୋପାଳ ଚନ୍ଦ୍ର ଅଗ୍ରୱାଲା, ଖବରଦାତା ପ୍ରଭାକର ଶିରୋମଣି, ଶ୍ରୀପତି ମହାରଣା, ନୀଳମାଧବ ପୂଜକ ସମାଜର ସଭାପତି ସଚ୍ଚିଦାନନ୍ଦ ମିଶ୍ର, ସମ୍ପାଦକ ନୀଳମାଧବ ମିଶ୍ର, ଉପ ସଭାପତି ସରୋଜ କୁମାର ମିଶ୍ର, ସଦସ୍ୟ ରାଶେଶ୍ୱର ମିଶ୍ର, ଶ୍ରବଣରାମ ମିଶ୍ରଙ୍କ ସମେତ ଅନ୍ୟାନ୍ୟ ସଦସ୍ୟମାନେ ମତ ଦେଇଛନ୍ତି । ଏହି ପୀଠରେ ଏପରି ଅନୁଷ୍ଠାନ କରାଯାଇ ପାରିଲେ ଆଗାମୀ ପିଢ଼ିମାନଙ୍କ ମଧ୍ୟରେ ଶୃଙ୍ଖଳା ଜ୍ଞାନ ଅଣା ଯାଇପାରିବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

